# ଆମ କବିତା

ମାସିକ ଇ-ପତ୍ରିକା

AMARISATYA ଆମରିସତ୍ୟ
Estd.: 2006
ODISHA

❖ ତୃତୀୟ ବର୍ଷ
❖ ତୃତୀୟ ସଂଖ୍ୟା
❖ ମାର୍ଚ୍ଚ ୨୦୨୪



# ଆମ କବିତା

ତୃତୀୟ ବର୍ଷ ❖ ତୃତୀୟ ସଂଖ୍ୟା ❖ ମାର୍ଚ୍ଚ ୨୦୨୪

## ମାର୍ଗଦର୍ଶକ

**ଡ. ପ୍ରମୋଦ ଚନ୍ଦ୍ର ଦାଶ**

## ସମ୍ପାଦକ

**ନିଶିକାନ୍ତ କହଲସିଂହ**

### ଉପଦେଷ୍ଟା ମଣ୍ଡଳୀ

ସମରଜିତ ପଟ୍ଟନାୟକ

ବାବାଜୀ ଚରଣ ଜେନା

ବିଭୁପ୍ରସାଦ ହରିଚନ୍ଦନ

### ସହଯୋଗୀ ସମ୍ପାଦକ ମଣ୍ଡଳୀ

ତ୍ରିଲୋଚନ ଦାସ

ରଶ୍ମିତା ନାୟକ

ବାସନ୍ତୀ ଦେଈ

### ପ୍ରଚ୍ଛଦ ଓ ଅଙ୍ଗସଜ୍ଜା

ରାଜୀବ ରଥ

ପ୍ରୀତମ ବଳିୟାରସିଂହ




**ଆମରି ସତ୍ୟ**

ଏମ-୧/୫, ମୁକୁନ୍ଦପ୍ରସାଦ ହାଉସିଂ ବୋର୍ଡ କଲୋନୀ,

ପୋଷ୍ଟ : ପି ଏନ କଲେଜ, ଖୋର୍ଦ୍ଧା - ୭୫୨୦୫୭, ଓଡିଶା

ଯୋଗାଯୋଗ : ୯୪୩୭୨୮୧୬୫୫,

**email : amarisatya@gmail.com**

# ସମ୍ପାଦକୀୟ



ଫଗୁଣ.........
ରଙ୍ଗିନ୍ ଋତୁର ରଙ୍ଗିନ୍ ମାସ.......
ରଙ୍ଗିନ୍ ପ୍ରକୃତି........
ରଙ୍ଗିନ୍ ମଣିଷର ମନ ବି........।
ଫୁଲରେ ଫୁଲରେ ରଙ୍ଗ,
ଫଳରେ ରଙ୍ଗ......ପତ୍ରରେ ବି ରଙ୍ଗ........
ରଙ୍ଗ ଉକୁଟି ଉଠେ
ଆଖିରେ........ଓଠରେ.......
ଗଗନରେ.......ପବନରେ........,
ଫଗୁଣ ପୁନେଇରେ
ରଙ୍ଗ ଉଡ଼େ ଆକାଶରେ........
ରଙ୍ଗ ପର୍ବ ହୋଲିରେ
ରଙ୍ଗ ଭିଜେ  ମାଟିରେ..........।

ଏ ତ ସବୁ ଫଗୁଣର କଥା
ହେଲେ........ଏ ସନ ଫଗୁଣ ନିଆରା........
ସବୁ ରଙ୍ଗ ତ ଅଛି ..........ହେଲେ........
ତା' ସହିତ ଆହୁରି କେତେ ରଙ୍ଗ........
ରଙ୍ଗ ନୁହେଁ  ତ..........
ରଙ୍ଗର ପଟୁଆର........ରଙ୍ଗର ଜୁଆର......
ନେତା, ଚାମଚାଙ୍କ ଘଡ଼ିକେ ଘଡ଼ିଏ ରଙ୍ଗ........
ବାବା........ଆଉ ଭକ୍ତଙ୍କ ରଙ୍ଗ.........
କ୍ଷଣକ୍ଷଣକେ ଆନ............
ଜଣା ପଡ଼େନା କେଉଁ ରଙ୍ଗ କାହାର.........।

ବର୍ଷ ବର୍ଷ ଧରି ଧଳାରଙ୍ଗ
ମାଖିହେଉଥିବା ନେତାଙ୍କର
କଳାକଳେବର.......
ଆଉ.......ସକାଳେ ନାଲି ରଙ୍ଗ
ବୋଲି ହୋଇଥିବା ନେତାଙ୍କର ସଞ୍ଜକୁ
ନୀଳ ଜୀମୁତ କାନ୍ତି.............
ପୁଣି, ଦୁଇ ବିପରୀତ ରଙ୍ଗ ମିଶି
ଏକ ଉଦ୍ଭଟ ରଙ୍ଗର ପରିକଳ୍ପନା.........,
ଅଦ୍ଭୁତ ଅଦ୍ଭୁତ ଏ ରଙ୍ଗ ପରିବର୍ତ୍ତନ........
ବୁଝି ହୁଏନା ଏହାର ଅସଲ କାରଣ.........
ହେଲେ......ଏ ରଙ୍ଗ ରହିଲେ ହେଲା........
ବିଚରା.......ବହୁରୂପୀ ଏଣ୍ଡୁଅର
ଆତ୍ମହତ୍ୟା ଛଡ଼ା ଆଉ ଗତି କ'ଣ ?

ମାର୍ଚ୍ଚ ୨୦୨୪

ଆମ କବିତା

| କ୍ର.ସଂ. | କବିତା | କବି/କବୟିତ୍ରୀ | ପୃଷ୍ଠା |
|---|---|---|---|
| ୧. | କୃଷ୍ଣମୟ ଡାକ | ମନୋଜ ପଟ୍ଟନାୟକ | ୭ |
| ୨. | ନିଃଶବ୍ଦ ନୂପୁର | ପୂର୍ଣ୍ଣ ଦାସ | ୮ |
| ୩. | ଫଗୁଣ ଗୀତି | ଆଶୁତୋଷ ମେହେର | ୯ |
| ୪. | ଏବେର ଫଗୁଣ | ରମେଶ ମଙ୍ଗରାଜ | ୧୦ |
| ୫ | ତୁମେ କି ଫଗୁଣ | ସୁକାନ୍ତି ମିଶ୍ର | ୧୧ |
| ୬. | ଫଗୁଣ | ପୁଷ୍ପାଞ୍ଜଳି ପଣ୍ଡା | ୧୨ |
| ୭. | ବସନ୍ତକୁ କେବେ ଦେଖି ନାହିଁ | ଡକ୍ଟର ଲକ୍ଷ୍ମୀକାନ୍ତ ଖୁଣ୍ଟିଆ | ୧୩ |
| ୮. | ଫଗୁଣ ଅଦିନ ମେଘେ | ବାବାଜୀ ଚରଣ ଜେନା | ୧୪ |
| ୯. | ଫଗୁଣ | ଚପଳା ପଣ୍ଡା | ୧୫ |
| ୧୦. | ମଧୁ ବସନ୍ତ | ପଙ୍କଜିନୀ ଉପାଧ୍ୟାୟ | ୧୬ |
| ୧୧. | ଫଗୁଣ... | ଜୟନ୍ତୀ ସ୍ୱାଇଁ | ୧୭ |
| ୧୨. | ରେ ଫଗୁଣ ପ୍ରୀତିପ୍ରଦ | ଅକ୍ଷୟ କୁମାର ସାହୁ | ୧୮ |
| ୧୩. | ଫଗୁଣରେ ପ୍ରିୟା | ଜୟଶ୍ରୀ ପଟ୍ଟନାୟକ | ୧୯ |
| ୧୪. | ଫିକା ଫଗୁଣ | ବୈଶାଳୀ ସାହୁ | ୨୦ |
| ୧୫. | ମଧୁମାସ | ଦିବାକର ନାୟକ | ୨୧ |
| ୧୬. | ଚକୁଳିଆ ପଣ୍ଡା ଏ ବସନ୍ତ | ରମେଶ ଚନ୍ଦ୍ର ମିଶ୍ର | ୨୨ |
| ୧୭. | ଫଗୁଣ ଫେରିଛି | ସୌଦାମିନୀ ସାହୁ | ୨୪ |
| ୧୮. | ହେ ଫଗୁଣ ମୋତେ ଦିଅ ନାହିଁ ଦୁଃଖ... | ମନୋରଞ୍ଜନ ଦଳେଇ | ୨୫ |
| ୧୯. | ଫଗୁଣ | ନିରୁପମା ପାଣି | ୨୬ |
| ୨୦. | ଫୁଲେଇ ଫଗୁଣ | ସୁଲୋଚନା ସ୍ୱାଇଁ | ୨୭ |
| ୨୧. | ଫଗୁଣ | ଅଶେଷ ଲୋଚନ ଆଚାର୍ଯ୍ୟ | ୨୮ |
| ୨୨. | ଫଗୁଣ | ସୂର୍ଯ୍ୟକାନ୍ତି ଦାଶ | ୨୯ |
| ୨୩. | ଫଗୁଣ | ଜ୍ୟୋତିପ୍ରଭା ପଟ୍ଟନାୟକ | ୩୦ |
| ୨୪. | ଫଗୁଣ | ନଳିନୀ ପ୍ରଭା ମିଶ୍ର | ୩୧ |
| ୨୫. | ଫଗୁଣରେ ଦୋଳ ବିମାନ | ସନ୍ତୋଷିନୀ ଦାଶ | ୩୨ |

| କ୍ର.ସଂ. | କବିତା | କବି/କବୟିତ୍ରୀ | ପୃଷ୍ଠା |
|---|---|---|---|
| ୨୬. | ଫଗୁଣ | ସଂଯୁକ୍ତା ଚମ୍ପତିରାୟ | ୩୩ |
| ୨୭. | ପଠାଇଛି ଛଅ ରଙ୍ଗ | ସନ୍ନ୍ୟାସୀ ନାୟକ | ୩୪ |
| ୨୮. | ହେ ଫଗୁଣ | ଆରତୀ ପ୍ରହରାଜ | ୩୫ |
| ୨୯. | ଫଗୁଣ | ପ୍ରତିମା ମହାରଣା | ୩୬ |
| ୩୦. | ଫଗୁଣ | ବୀଣାପାଣି ଦେବୀ | ୩୭ |
| ୩୧. | ଫଗୁଣ ଆସିଛି | ନଳିନୀ ଦାଶ | ୩୮ |
| ୩୨. | ଫଗୁଣର ଆଗମନେ | ଅଳକା ଦାସ | ୩୯ |
| ୩୩. | ଫଗୁଣ ଫଗୁଣ ବାସେ | ନଳିନୀ ପ୍ରଭା ଦାସ | ୪୦ |
| ୩୪. | ଫଗୁଣ ଆସିଛି ଦେଖରେ ମିତ | ପ୍ରଶାନ୍ତ କୁମାର ଦାଶ | ୪୧ |
| ୩୫. | ଫଗୁଣ ସମ୍ଭାର | ଆରତି ମଞ୍ଜରୀ ଦାଶ | ୪୨ |
| ୩୬. | ଫଗୁଣ | ବିଷ୍ଣୁପ୍ରିୟା ପ୍ରତାପସିଂହ | ୪୩ |
| ୩୭. | ଫଗୁଣ ଫଗୁଣ | ବିଶ୍ୱନାଥ କର | ୪୪ |
| ୩୮. | ମାସ ଶ୍ରେଷ୍ଠ ଫଗୁଣ | ସୁରାତ୍ରୀ ପ୍ରଧାନ | ୪୫ |
| ୩୯. | ଫଗୁଣ ପାଖରେ କେବେ | ସର୍ବାଣୀ ଦାସ | ୪୬ |
| ୪୦. | ଫଗୁଣ ଆସିଛି | କମଳିନୀ ମଲ୍ଲିକ | ୪୭ |
| ୪୧. | ଆସିଛି ବସନ୍ତ ଦେଖ | ସୁମିତା ବେହେରା ବାପି | ୪୮ |
| ୪୨. | ଫଗୁଣର ଫଗୁ ନେସି ହୋଇଗଲା | ତାରାପ୍ରସାଦ ଜେନା | ୪୯ |
| ୪୩. | ଫଗୁଣ | ସ୍ୱପ୍ନାରାଣୀ ପାଣିଗ୍ରାହୀ | ୫୦ |
| ୪୪. | ଫଗୁଣର ଫଲ୍ଗୁ | ସସ୍ମିତା ବାରିକ | ୫୧ |
| ୪୫. | ଫଗୁଣ | ମିନତି ଶତପଥୀ | ୫୨ |
| ୪୬. | ଫଗୁଣ | ବାସନ୍ତୀ ଦେଈ | ୫୩ |
| ୪୭. | ବସନ୍ତ | ହୃଷୀକେଶ ମିଶ୍ର | ୫୪ |
| ୪୮. | ଫଗୁଣ ଆସିଛି | ସୀମା ମେହେର | ୫୫ |
| ୪୯. | ଋତୁରାଜ ବସନ୍ତ | କାହ୍ନୁଚରଣ ମିଶ୍ର | ୫୬ |
| ୫୦. | ଫୁଲେଇ ଫଗୁଣ | ଡଃ ସନ୍ତୋଷ କୁମାର ପଣ୍ଡା | ୫୭ |

| କ୍ର.ସଂ. | କବିତା | କବି/କବୟିତ୍ରୀ | ପୃଷ୍ଠା |
|---|---|---|---|
| ୫୧. | ଫଗୁଣ | କଳ୍ପନା ମିଶ୍ର | ୫୮ |
| ୫୨. | ଫଗୁଣ ଗୋ | ମଧୁଛନ୍ଦା ଦାଶ | ୫୯ |
| ୫୩. | ଫଗୁଣର ଆଗମନେ | ରୋଜାଲିନ ପଟ୍ଟନାୟକ | ୬୦ |
| ୫୪. | ରଙ୍ଗୀନ ଫଗୁଣ | ଜ୍ୟୋସ୍ନାରାଣୀ ପଟ୍ଟନାୟକ | ୬୧ |
| ୫୫. | ମରତେ ଫଗୁଣ ପରବ | ସୁଜାତା ପଟ୍ଟନାୟକ | ୬୨ |
| ୫୬. | ଫଗୁଣର ସୁଆଗମନେ... | ଜିତେନ୍ଦ୍ର କୁମାର ନାୟକ | ୬୩ |
| ୫୭. | ଆସ ହେ ଫଗୁଣ... | ରଶ୍ମିତା ମହାରଥୀ | ୬୪ |
| ୫୮. | ଫଗୁଣ ଆସିଲା | ରଞ୍ଜିତା ମିଶ୍ର | ୬୫ |
| ୫୯. | ଫଗୁଣର ଆଗମନେ... | ସିପ୍ରା ସ୍ୱାଇଁ | ୬୬ |
| ୬୦. | ଫଗୁଣ | ସଂଯୁକ୍ତା ମହାପାତ୍ର | ୬୭ |
| ୬୧. | ଫଗୁଣ | ସୁନନ୍ଦା ମହାନ୍ତି | ୬୮ |
| ୬୨. | ହୋଲି ଯୋଉଠି ସେଇଠି | ଶୁଭଶ୍ରୀ ରାଉତ | ୬୯ |
| ୬୩. | ବସନ୍ତ ଫେରିଛି ବୋଲି | ବର୍ଷା ବେହେରା | ୭୦ |
| ୬୪. | ବସନ୍ତ | ହାସ୍ୟମୟୀ ରାଜ | ୭୧ |
| ୬୫. | ଫଗୁଣ | ନିରଞ୍ଜନ ସାହୁ | ୭୨ |
| ୬୬. | ଶବ୍ଦର ଶିଳାପଦ୍ମ | ରତ୍ନପ୍ରଭା ବାଇ | ୭୩ |
| ୬୭. | ଫେରିଛି ଫଗୁଣ | ରବିନାରାୟଣ ମଙ୍ଗରାଜ | ୭୪ |
| ୬୮. | ଫୁଲ ଫଗୁଣ | ବେଣୁଧର ସୂତାର | ୭୫ |
| ୬୯. | ରଙ୍ଗର ପରବ ହୋଲି | ନୀହାରିକା ପଣ୍ଡା | ୭୬ |
| ୭୦. | ରଙ୍ଗିଲା ଫଗୁଣ | ବିଳାସିନୀ ଦାଶ | ୭୭ |
| ୭୧. | ବସନ୍ତ ଆସିଛି | ଚନ୍ଦ୍ରକାନ୍ତି ସିଂହ | ୭୮ |



# କୃଷ୍ଣମୟ ଡାକ

**ମନୋଜ ପଟ୍ଟନାୟକ**




ନମ୍ର ବଂଶୀର ସୂକ୍ଷ୍ମ ଧ୍ୱନିରେ ଯେବେ ଛୁଟେ କୃଷ୍ଣମୟ ଡାକ
ତୀବ୍ର ଇଚ୍ଛାର ମୁକ୍ତ ଅଙ୍ଗନେ ଝରିପଡ଼େ ଫାଲଗୁନ ସୁଖ।
ଉଷ୍ମ ପ୍ରେମର ବ୍ୟସ୍ତ କେଳିରେ ଯେବେ ହୁଏ ହୃଦୟର ଭେଟ
ଭବ୍ୟ ପ୍ରାପ୍ତିର ତୃପ୍ତ ଚୁକ୍ତିରେ ହସିଉଠେ ଫଗୁଣର ହାଟ।।

କମ୍ର ବାସ୍ନାର ଆମ୍ର କାନନେ ଯେବେ ଶୁଭେ କୁହୁକୁହୁ ସ୍ୱର
ଉଗ୍ର ତୃଷ୍ଣାର ବ୍ୟଗ୍ର ଖୁସିରେ ପୂରିଯାଏ ବସନ୍ତର ଘର ।
ପ୍ରୀତି ପ୍ରାଣର ନବ୍ୟ ଯୌବନେ ଯେବେ ଜଳେ କୁତୁକୁତୁ ନିଆଁ
ସ୍ୱପ୍ନ ମେଳାର ଦିବ୍ୟ ଭୂମିରେ ନାଚିଉଠେ ପଳାଶର ଗାଆଁ ।।

ପୁଷ୍ପ ସଭାର ରଙ୍ଗ ଥାଟରେ ଯେବେ ଦିଶେ ଅବିରର ମାୟା
ମସ୍ତ ମଜାର ଦେହପଦ୍ମରେ ଲାଗିଯାଏ ମଳୟର ଛୁଆଁ।
ଶୁଭ୍ର ଜ୍ୟୋତ୍ସ୍ନାର ଲାସ୍ୟ କୁଞ୍ଜରେ ଯେବେ ରଟେ ତୁଚ୍ଛା ମିଛ ପାପ
ହୃଦ ବନ୍ୟାର ମୃଦୁ ସ୍ରୋତରେ ଖେଳିବୁଲେ ରାଧାକୃଷ୍ଣ ରୂପ ।।

ଋତୁ ମଞ୍ଚରେ ନୃତ୍ୟ ମୁଦ୍ରାରେ ଯେବେ ଫଗୁର ଉଲ୍ଲାସ ଜାଗେ
ଋତୁଚକ୍ରର ଦୀପ୍ତ ଶୋଭାରେ ସବୁ ଫଗୁଣ ଫଗୁଣ ଲାଗେ ।।

'ଆଶ୍ରୟ'
ପ୍ଲଟ୍ ନଂ--ଡି/୯୯, ସେକ୍ଟର-୭
ମର୍କତନଗର, କଟକ



# ନିଃଶବ୍ଦ ନୂପୁର

ପୂର୍ଣ୍ଣ ଦାସ

ମହୁଲ ଫୁଲର ମହକରେ ମିତ
ମଳୟ ମଦିର ଲାଗେ,
ତୋ' ଖୋଷାରେ ଖୋଷା କୁରେଇଫୁଲ,
ମୋ' ମନର କବିତା ମାଗେ।

ତୁ' ମୋ' ଭରାନଈ, ମୁଁ ତୋ' ଫଟାଭୂଇଁ
ବୁକୁରେ ଅକାତ ଶୋଷ,
ଭସା ବାଦଲରେ ଭରସା ନାଇଁ,
ମୋ' ପିପାସା ତୋ' ମିଠା ଓଠ।

ଠିଆହବୁ କି ତୁ ପାଖକୁ ଲାଗି ମୋ'
ତୋ' ତନୁ ମହକ ନେବି,
ଇନ୍ଦ୍ରଧନୁର ଉଧାର ରଙ୍ଗରେ
ମନ ତୋ' ରଙ୍ଗେଇ ଦେବି।

ଗଭାରେ ବାନ୍ଧିଲୁ ମଲ୍ଲୀର ଗଜରା
ମଲ୍ଲୀ ତୋ' ମଦିରା ହେଲା,
ଆଖିର ଚାହାଣି ଓଠର କାହାଣୀ
ଛାତିରେ ମୋ'  ଲେଖିଦେଲା।

ତୁ' ଋତୁ ଫଗୁଣ ଲୋଭିଲା ଫୁଲ,
ମୁଁ ଚିତ୍ରିମିତ୍ରି ପ୍ରଜାପତି,
ତୋ' ଓଠର ମିଠାମହୁର ନିଶାରେ
ମାତାଲ ମୁଁ ଦିନରାତି।



କଣ୍ଢାବଣିଆ, ଛତ୍ରପଡ଼ା,
ପ୍ରୀତିପୁର, ଯାଜପୁର



# ଫଗୁଣ ଗୀତି

ଆଶୁତୋଷ ମେହେର

ଫଗୁଣ ପରଶେ ପଳାଶ ଦେହରେ
କିପାଇଁ ନିଆଁ ଯେ ଲାଗେ,
ନାଲି ଓଠେ ଭରା ପ୍ରେମର କାହାଣୀ
ଅଧା ପଢା ଲାଗୁ ଥାଏ.......||୦||

ମାଘର ଜାଡରେ ଆମ୍ବ ବଉଳରେ
ପହିଲି ଛୁଆଁର ଖେଳ ,
ମହମହ ବାସେ କୋଇଲିର କୁହୁ
ଗୀତକୁ ଅଣ୍ଟେନା ବେଳ,
ପ୍ରେମେ ବାନ୍ଧି ହେଲେ କି ବେଳ ଅବେଳ
ଦିନରାତି ମିଶି ଯାଏ........||୧||



ଫାଲଗୁନ ଭରେ ଫଗୁ ଖେଳ ମନେ
ରଙ୍ଗବେରଙ୍ଗର ଛାଇ ,
ପ୍ରେମ ଛାଇ ତଳେ ଧୁସର ରଙ୍ଗିଲା
ମନ ହେଉଥାଏ ବାଇ ,
ପ୍ରେମେ ବାଇ ରାଇ ଯୁଗଯୁଗ ଧରି
କଳାକାହ୍ନୁ ପଛେ ଧାଏଁ......||୨||

୫୪ ଆର୍ଯ୍ୟପଲ୍ଲୀ
କିଟଛକ, ପଟିଆ, ଭୁବନେଶ୍ୱର



# ଏବେର ଫଗୁଣ

ରମେଶ ମଙ୍ଗରାଜ

ଏବେର ଫଗୁଣ ବଉଳ ମହକ
ପୁଲକିତ ଆଉ କରୁନି
କୋଇଲିର ସ୍ୱନ ମଳୟ ପବନ
ମୋ' ମନକୁ ବାନ୍ଧି ପାରିନି।୦।

ଫଗୁଣର ସିନା ରଂଗ ବଦଳିନି
ମୋ' ରଂଗ ବଦଳି ଯାଇଛି
ଯେଉଁ ବୟସରେ ମସ୍ତ ହେଉଥିଲି
ସିଏ ଜରାଜୀର୍ଣ୍ଣ ହୋଇଛି
ଫେରିଯାଇଥିବା ବସନ୍ତର ସ୍ମୃତି
ଏଯାଏଁ ମୁଁ ଭୁଲି ପାରିନି....।୧।
ଏବେର ଫଗୁଣ.......

ହୋଲି ହଲି ହଲି ତଥାପି ଆସୁଛି
ସାଥେ ଦୋଳ ଘଣ୍ଟ ବଜାଇ
ନାଲି ଅବିରରେ ପଳାଶ ଫୁଲରେ
ଋତୁରାଜ ହୋଇ ସଜେଇ
ଫୁଲେଇ ଫଗୁଣ ହାବଭାବ ଦେଖି
ଦେହ ଆଉ ସହି ପାରୁନି....।୨।
ଏବେର ଫଗୁଣ.......

କବି ଓ କବିତା ଭବନ,
ମହୁଲ, ଖୋର୍ଦ୍ଧା



# ତୁମେ କି ଫଗୁଣ

ସୁକାନ୍ତି ମିଶ୍ର

ତୁମେ କି ଫଗୁଣ
ମଳୟର ହାତେ
ଲାଜେ ଲେଖା ଫୁଲ ଚିଠି
ରାତି ପଣତର
ଝରା ଶିଶିରରେ
ଅନୁରାଗେ ଲେଖା ଇତି...!!

କୋଇଲି କୁହୁର
ଆଳାପରେ କଷି-
ବଉଳର ମନକଥା
ମହମହ ସଞ୍ଜ
ଅଗଣାରେ ଅବା
ସଜ ମଲ୍ଲୀକଢି ଚିତା....!!

ବଣମାଳତୀର
ଠିକଣା କି ତୁମେ
ମଧୁପର ଗୁଣୁଗୁଣୁ
ବସନ୍ତ କାନର
କାନ ଝୁମୁକାରେ
ଋତୁଟିଏ ରୁଣୁଝୁଣୁ...!!

ଅତସୀ ତନୁର
ଚଟୁଳ ଚିବୁକେ
ସରାଗର ମିଠାଛୁଆଁ
ମାଟିରୁ ଆକାଶ
ଫଗୁରଙ୍ଗ ବୋଳା
ଋତୁଟିଏ ନୂଆନୂଆ...!!

ହଳଦୀବସନ୍ତ
ଆଖିତଳେ ଅଙ୍କା
କଜଳର ସରୁଗାର
ପ୍ରୀତିବୋଳା ଋତୁ
ଓଠରେ ସାଇତା
ପୀରତିର ମହୁଭାର...!!

ବିରହ ନଦୀର
ତୀରେ କି ଗୋ ତୁମେ
ମିଳନର ମଧୁଗୀତି
ପ୍ରୀତିମୟୀ ତୁମ
ପ୍ରୀତିର ପୁଲକେ
ଋତୁ ସତେ ଆୟୁଷ୍ମତୀ...!!

ତୁମେ ସରାଗର
ସବୁଜିମା ମୁଠେ
ପଳିତ ଶାଖାକୁ ଛୁଇଁ
କୁରେଇ ଫୁଲର
କଅଁଳ ହସରେ
ଛଳଛଳ ପ୍ରୀତିନଈ...!!

ସାରସ୍ୱତ ନଗର,
ସିଦ୍ଧମହାବୀର, ପୁରୀ



# ଫଗୁଣ

ପୁଷ୍ପାଞ୍ଜଳି ପଣ୍ଡା

ଗୁଡ଼ି

ମଧୁମାସ ପରଶରେ
ରଙ୍ଗଭରେ ଆକାଶରେ
କାଗଜଟେ ଖେଳୁଥାଏ ଦୋଳି
ମାଞ୍ଜାସୂତା ଗୁଡ଼ି
ପବନକୁ ଠେଲି।।

ବଉଳ

ଚଉଦିଗ ମହକଇ
ବଉଳର ଭୁରୁଭୁରୁ ବାସ୍ନା
ପୁଲକିତ ଆଦ୍ୟ ଅପରାହ୍ନ
ସୁମଧୁର କୁହୁତାନ ମୁଖରିତ ଆମ୍ର ବନ
ମତୁଆଲା ମଧୂପ ଗୁଞ୍ଜନ।।

ଅବିର

ବହୁବର୍ଣ୍ଣ ଛଟା ରଙ୍ଗ
ହୋଲି ଖେଳ ନୃତ୍ୟ ସଙ୍ଗୀତ
ଉପସ୍ଥିତ ଏବେ ଋତୁରାଜ
ରାଣୀ ଦାମୋଦର ବିମାନରେ
ଦୋଳ ମେଲଣର ସଙ୍ଗେ
ଅବିରର ରଙ୍ଗଖେଳ ଚାଲେ।।

ମଳୟ

ଧରାପରେ ମଳୟର
ଆଗମନି ବାର୍ତ୍ତା ପ୍ରତିଶ୍ରୁତି
ମନ୍ମଥଙ୍କ ମିତ୍ରତାର ସାକ୍ଷୀ
ଫେରୁଥାଏ ଶୀତର କହର
ଫଗୁଣ ବେଭାର।।

ପଳାଶ

ପଲ୍ଲବିତ ପଳାଶର
ଅଙ୍ଗ ସଙ୍ଗ ନିଆଁ
କରୁଥାଏ ନୀରବ କିମିଆ
ଦେହ ଦାହ ପ୍ରଶମିତ ମଗ୍ନ
ରଙ୍ଗଣୀର ଶୋଭା ଫଗୁ ଚିହ୍ନ
ରାତ୍ର ଶୋଭା ପୂର୍ଣ୍ଣିମାର ଜହ୍ନ।।

ଷ୍ଟାଟିଷ୍ଟିକାଲ୍ ଅଫିସର
କେନ୍ଦ୍ରାପଡ଼ା

# ବସନ୍ତକୁ କେବେ ଦେଖି ନାହିଁ

ଡକ୍ଟର ଲକ୍ଷ୍ମୀକାନ୍ତ ଖୁଣ୍ଟିଆ

ଜୀବନଟା ମୋ'ର ସାହାର ମରୁର
ଧୁ ଧୁ ଖରାବେଳ
ବସନ୍ତକୁ କେବେ ଦେଖିନାହିଁ ଦିନେ
ଖେଳେ ଲୁଚକାଳି ଖେଳ ।୦।

ରସିଆ କୋଇଲି ଗାଇ ନାହିଁ ଗୀତ
ମୋ'ର ଉପବନେ ଆସି
କେତେ ଯୁଇମଲ୍ଲୀ ଝଡ଼ି ଯାଇଅଛି
ରାତି ଶେଷେ ହୋଇ ବାସି
ପ୍ରିୟା କବରୀକୁ ସଜାଇବା ପାଇଁ
ମୋତେ ମିଳି ନାହିଁ ବେଳ ।୧।

ଏଇ ଜୀବନରେ ଝଡ଼ ତ ଆସିଛି
ବରଷା ପବନ ନେଇ
ଉଜାଡ଼ି ଦେଇଛି ମନ ଉପବନ
ବୁହାଇ ଲୁହର ନଈ
ସେଇ ନଈକୂଳେ ଆକୁଳେ ବିକଳେ
ବିତିଯାଇଛି ମୋ' ବେଳ ।୨।

କ୍ୱାର୍ଟର ନଂ- ଆଇ.ଭି. ୫୦/୧
ୟୁନିଟ-୩, ଖାରବେଳନଗର
ଭୁବନେଶ୍ୱର

# ଫଗୁଣ ଅଦିନ ମେଘେ

ବାବାଜୀ ଚରଣ ଜେନା



ଫଗୁଣ ଅଦିନ ମେଘେ
ମିଠା ମିଠା ମଧୁଝରେ
ଆପଣା ପଣରେ ବାନ୍ଧି
କିଏସେ ନିଜର କରେ
ଫଗୁଣ ଅଦିନ ମେଘେ ।୦।

ଚୁପଚାପ ଆସି କେବେ
ରଙ୍ଗରେ ଭିଜାଇ ଦିଏ
ପଚାରିଲେ ନାଆଁ ତାର
ଲୁଚି ସିଏ ଚାଲି ଯାଏ
ଏମିତି ମନୋଇ ଝିଅ
ହସି ଦିଏ ଗଲା ବେଳେ
ଫଗୁଣ ଅଦିନ ମେଘେ ।୧।

ରିମଝିମ୍ ଗୀତ ସୁରେ
ମୋତେ ସେ ପାଗଳା କରେ
ପଚାରିଲେ ଠିକଣା ତା
କେତେ ଯେ ବାହାନା କରେ
ଏମିତି ଫୁଲେଇ ଫୁଲ
ଚାହାଁଣୀରେ ମୋତେ ଜାଳେ
ଫଗୁଣ ଅଦିନ ମେଘେ ।୨।

ଅହଲ୍ୟା ନିବାସ, ପୋପରଡ଼ା,
ନୂଆବଜାର, କଟକ



# ଫଗୁଣ

ଚପଳା ପଣ୍ଡା

ବସନ୍ତର ହାତେ ହାତ ଛନ୍ଦିଦେଇ
ଫୁଲେଇ ଫଗୁଣ ହସୁଛି,
ସବୁଜିମା ଜିଣି ଚଉହଦି ବୁଣି
କୋମଳ ପତର ମେଲୁଛି।
କୃଷ୍ଣଚୂଡ଼ା ଗଛ ଫୁଲ ସମ୍ଭାରରେ
ତୋରଣ ସଜାଇ ଧରିଛି,
ଶଙ୍ଖ ଧ୍ୱନି ତୋଳି କୁହୁ କୁହୁ ତାନେ
ସ୍ୱାଗତିକା ପିକ ଗାଉଛି।
ଥୋଲି ବଉଳରେ କଷି ଆମ୍ବ ଝୁଲି
ହାତକୁ ହଲାଇ ଠାରୁଛି,
ଆସ ଆସ ତୁମେ ଫଗୁଣ ସୁନ୍ଦରୀ
ତୁମ ବାଟ ଚାହିଁ ବସିଛି।

ଶିମିଳି ପଳାଶ ମାଧବୀ ଅଶୋକ
କାଞ୍ଚନ ଗଭାରେ ଶୋହୁଛି,
ପୁଲକିତ ମହୀ ସମ୍ଭାଷଣ କରି
ମଳୟ ଗୀତିକା ଗାଉଛି।
ଶିର ସଞ୍ଚାଳନ କରି ତରୁ ଡାଳ
ଯତନେ ଚାମର ବିଞ୍ଚୁଛି,
ଋତୁରାଜ ଜେମା ବସନ୍ତ ଘରଣୀ
ଫଗୁ ମାଖି ଦେଇ ଆସୁଛି।
ବିମାନରେ ଦେଖି କୃଷ୍ଣ ବନମାଳୀ
ହରେ କୃଷ୍ଣ ନାମ ଗାଉଛି,
ରାଜ ଭୋଗ ଧରି ବାଙ୍କ ଚାହାଣୀରେ
ଘରର ଘରଣୀ ଚାହିଁଛି।
ଏତେ ସବୁ କଥା ପ୍ରକୃତି ସଜାଇ
ଫଗୁଣକୁ ଚାହିଁ ବସିଛି,
କବିର କଲମ ଅଟକି ଯିବ କି
ଭାବନା ଦୋଳିରେ ଝୁଲୁଛି।

ଖୋର୍ଦ୍ଧା

# ମଧୁ ବସନ୍ତ

ପଙ୍କଜିନୀ ଉପାଧ୍ୟାୟ

ହୀମ ପ୍ରବାହର ଅବସାନ ପରେ
ଶୀତ ବସୁଧାରୁ ଗଲା ଉଭାଇ
ଫୁଲ ମାନଙ୍କର ପ୍ରସ୍ଫୁଟନ ପାଇଁ
ବାଧା ଓ ବନ୍ଧକ କିଛି ବି ନାହିଁ।

ପଲ୍ଲବ ପାଟଳେ ମଧୁ ଋତୁରାଟ
ଧରାକୁ ଅବତରଣ କଲାଣି
ନାନାବର୍ଣ୍ଣ ଶୋଭା କମନୀୟ ଆଭା
ଲେଖି ଚାଲିଲେଣି କେତେ କାହାଣୀ।

ବସନ୍ତ ମଳୟ ମହକ ଛୁଟାଇ
ବସନ୍ତ ଗୀତିକା ଭରା ଆନନ୍ଦ
ବିଭୋର ବସନ୍ତ ବିଭୋର କଲାଣି
ମୁକୁଳ ଝାଡିଲେଣି ମକରନ୍ଦ।

ବନ ଭୂବନର ଶ୍ଯାମଳିମା ଘେରେ
ସଫେଦ ବର୍ଣ୍ଣର ଫୁଲ ଚାଦର
କେଡେ ମନଲୋଭା ଅପୂର୍ବ ସୁଷମା
ଦେଖଣାହାରୀଙ୍କ ବଡ ଆଦର।

କୋକିଳ କୁଜନ ମାଧୁରିମା ଗାନ
ସହକାର କୁଞ୍ଜ ଗହଳୁ ଶୁଭେ
ହଳଦୀ ବସନ୍ତ ରଙ୍ଗକୁ ମେଲାଇ
ରମଣୀୟତାକୁ ବିଞ୍ଚୁଛି ଭବେ।

ସୁନାରଙ୍ଗୀ ଧାନ କ୍ଷେତ୍ରର ସୁଷମା
ବର୍ଣ୍ଣିବାକୁ ଶବ୍ଦ ମୋ ପାଖେ ନାହିଁ
ହଳଦୀ ବସନା ସୋରିଷ କୁସୁମ
ଶୋଭା ସୁଷମାର କଳନା କାହିଁ ?

ସହକାର ଏବେ ବଉଳ ଭାରରେ
ନଇ ଦେଲାଣି ତା ଚଅଁର ମାନ
ନମ୍ରନ୍ତି ଫଳିନୋ ବୃକ୍ଷ ଅନୁମାନ
ଯେମିତି ନମ୍ରତା ଗୁଣର ଜନ।

ବିଲବାଡି ଶୋଭା ନବ ବର୍ଣ୍ଣବିଭା
ସବୁଠି ପ୍ରକୃତି ସ୍ବପ୍ନ ସମ୍ଭାର
ବିରଳ ସମୟ ସ୍ବପ୍ନର ବିଜୟ
ବସନ୍ତ ଋତୁର  ଭରା ଆଦର।

ବସନ୍ତ ବାରତା ହୃଦୟର କୋଣେ
ବଜାଇ ଚାଲିଛି ପ୍ରୀତିର ବେଣୁ
ନଈଘାଟ କୂଳ ବାଲୁକା ବେଳାରେ
ବୁଣି ଚାଲିଲେଣି ଭାବନା ରେଣୁ।

ମଳୟ ଆସୁଛି ମକରନ୍ଦ ନେଇ
ନବୀନ ଚେତନା ହୃଦୟେ ଜାଗେ
କ୍ରାନ୍ତ ଅବୟବେ ଭାବର ପ୍ରଲେପ
ସତରେ ଜୀବନ ଆନନ୍ଦ ଲାଗେ।

ବରୀ, ଯାଜପୁର



# ଫଗୁଣ...

**ଜୟନ୍ତୀ ସ୍ୱାଇଁ**

ଫଗୁଣ ଗୋ ତୁମ ଆଗମନ ପରେ
ଧରଣୀ ରାଣୀ ଯେ ହସୁଛି
ଦୋଳ ବିମାନରେ ରାଧାକୃଷ୍ଣ ବିଜେ
ଚନ୍ଦନ ଚନ୍ଦନ ବାସୁଛି...॥
ବସନ୍ତ ପରଶେ ବାସନ୍ତୀ ହରଷେ
ଗାଉଛି ମିଳନ ଗୀତିକା
ଭ୍ରମର ଗୁଂଜନେ ଗୁଣୁଗୁଣୁ ତାନେ
ଶିହରିତ ପୁଷ୍ପ ଲତିକା...॥
ପ୍ରଭାତ ଆସିଲେ ଆମ୍ବ ଡାଳେଗାଏ
କୋଇଲି ପଞ୍ଚମ ତାନରେ..
ଫଗୁର ରଙ୍ଗରେ ରଙ୍ଗାୟୀତ ହୁଏ
ପ୍ରୀତି ଭରେ ଦେହ ମନରେ...॥
ପୁଷ୍ପ ଉଦ୍ୟାନର ମହମହ ବାସ୍ନା
ଫୁଲେଇ ଫଗୁଣ ପାଇଁକି..
ଜ୍ୟୋସ୍ନା ବିଛୁରିତ ରଜନୀ ଆସିଲେ
ଆନମନା ହୁଏ କାହିଁକି..!!
ମହୁଲ ଫୁଲରେ ଆମ୍ବ ବଉଳରେ
ଧୀର ସମୀରଣ ବହୁଛି
ଫଗୁଣ ଆସିଲେ ପ୍ରିୟତମା ଆସି
କାନେ ଚୁପି ଚୁପି କହୁଛି ॥

**ବରାଙ୍ଗ, ଅସ୍ତରଙ୍ଗ,**
**ପୁରୀ**

# ରେ ଫଗୁଣ ପ୍ରୀତିପ୍ରଦ

ଅକ୍ଷୟ କୁମାର ସାହୁ

ଧରା ଧାମୁ ଶୀତ    ନେଲାଣି ମେଲାଣି
ଆସିଛୁ ରେ ତୁ ଫଗୁଣ,
ଘେନ ସୁସ୍ୱାଗତ    ଯେଣୁ ଉଲ୍ଲସିତ
କରୁ ଆମ ତନୁ ମନ ।୧।
ଆମ୍ର ବଉଳର    ବାସ୍ନା ମହକୁଛି
ମହୁମାଛି ଭଣ ଭଣ,
ପୃଥିବୀ ପୃଷ୍ଠରେ    ସୁଷମା ସମ୍ଭାର
ବିବିଧ ପୁଷ୍ପ ମଣ୍ଡନ ।୨।
ବୃକ୍ଷ ଗହଳରେ    କୋଇଲିର କଣ୍ଠୁ
ସୁମଧୁର କୁହୁ ତାନ,
ଅନ୍ତର ପ୍ରାନ୍ତରୁ    ଚିନ୍ତା ଦୂରୀଭୂତ
ପୁଲକିତ ହୁଏ ପ୍ରାଣ ।୩।
ରଙ୍ଗ ଅବିରରେ    ହୋଲିଖେଳା ପର୍ବ
ବଢାଏ ମୈତ୍ରୀ ବନ୍ଧନ,
ଶ୍ରୀରାଧା କୃଷ୍ଣଙ୍କ    ବିମାନେ ଭ୍ରମଣ
ଦୋଳ ପୁନେଇଁ ମେଳଣ ।୪।
ନବ ଯଉବନା    ହୁଏ ଆନମନା
ମନେ ଆଶା ଅସୁମାରୀ,
ହୃଦୟରେ ପ୍ରୀତି    ଭାବ ଜାଗରଣ
ଏ ତୋହର ଯାଦୁକରୀ ।୫।
ଧନ୍ୟ ତୁ ଫଗୁଣ    ପ୍ରୀତି ପ୍ରଦାୟକ
ହୃଦୟେ ଭରୁ ହରଷ,
ସଭିଙ୍କ ଅପେକ୍ଷା    ତୋ'ର ଆସିବାକୁ
ଆସୁଥାରେ ପ୍ରତି ବର୍ଷ ।୬।

ବଡଗଡ ବ୍ରିଟ କଲୋନୀ,
ଭୁବନେଶ୍ୱର

# ଫଗୁଣରେ ପ୍ରିୟା

**ଜୟଶ୍ରୀ ପଟ୍ଟନାୟକ**

ଫଗୁଣ ଛୁଇଁଲା ମୋତେ
ଫଗୁଣ ଛୁଇଁଲା ତୋତେ
ମନ କେତେ ଦୁଷ୍ଟ ହେଲା
କେମିତି କହିବି ତୋତେ
ଭଲ ମୁଁ ପାଇଲି ତୋତେ
ଭଲ ତୁ ପାଇଲୁ ମୋତେ
ସାତରଙ୍ଗ ବୋଳିଦେଲା ପ୍ରେମରେ କିଏ ସେ ସତେ
ଲାଗେ ଆକାଶଟା ଧରାଦେଲା ଅଗଣାରେ ସତେ ।୦।

ସପନ ନେଇ ଆସିଲୁ
ମୋ' ହୃଦ ରାଣୀ ସାଜିଲୁ
ଫଗୁଣ ରଙ୍ଗ ଲାଗିଲା
ନୂଆ ମଳୟ ବହିଲା
ଖୋଜି ପାଉନି, ଚିହ୍ନି ପାରୁନି ଖୁସିରେ ମୁଁ ମୋତେ
ଲାଗେ ଆକାଶଟା ଧରାଦେଲା ଅଗଣାରେ ସତେ ।୧।

ବଉଳ ପାଟ ପିନ୍ଧିଲୁ
ସିନ୍ଦୂର ଟୋପେ ନାଇଲୁ
ନୂଆବୋହୂ ତୁ' ସାଜିଲୁ
ମୋ' ମନ ଚୋରାଇନେଲୁ
ପଣତ ତୋର ଛାଇ ଦେଇଛି ଜୀବନରେ କେତେ
ଲାଗେ ଆକାଶଟା ଧରାଦେଲା ଅଗଣାରେ ସତେ ।୨।

ଫୁଲ ଦୋଳିରେ ଝୁଲୁଛୁ
ସାଧବ ବୋହୂ ସାଜିଛୁ
ପଳାଶ ରଙ୍ଗ ଭରିଛୁ
ଟିକେ ଲାଜେଇ ହସୁଛୁ
ସାତଜନ୍ମର ସମ୍ପର୍କରେ ତୁ' ଛନ୍ଦିଦେଲୁ ମୋତେ
ଲାଗେ ଆକାଶଟା ଧରାଦେଲା ଅଗଣାରେ ସତେ ।୩।

ଗଙ୍ଗନଗର,
ଭୁବନେଶ୍ୱର,



# ଫିକା ଫଗୁଣ

**ବୈଶାଳୀ ସାହୁ**

ଫଗୁଣର ରଙ୍ଗ ଲାଗେ ଫିକା ଫିକା
ତୁମେ ବିନା ସାଥୀ ଚାଲେ ବାଟ ଏକା
ତୁମେ ଚାଲିଗଲ ଯେଉଁ ରାଇଜକୁ
ସେ ବାଟେ ବାଟୋଇ ହେବାକୁ ମୋ ଇଚ୍ଛା
ଫଗୁଣର ରଙ୍ଗ ଲାଗେ ଫିକା ଫିକା ।।
ଝୁରୁଛି ଯମୁନା ତୀର ଝୁରେ ତମାଳ କାନନ
ଠାବେ ଠାବେ ପଡ଼ିଅଛି ତୁମ ପୀରତିର ଚିହ୍ନ
ମୀରା ପରି ରାଧା ପରି ନୁହେଁ ମୁଁ ପ୍ରେମିକା
ଫଗୁଣର ରଙ୍ଗ ଲାଗେ ଫିକା ଫିକା ।।

ଛଣଘର, ଜଟଣୀ,
ଖୋରଧା



# ମଧୁମାସ

ଦିବାକର ନାୟକ

ଋତୁର ଏ ଚକା ଭଉଁରୀ ଖେଳରେ
ଆସିଅଛି ମଧୁମାସ
ବନେ ଉପବନେ ରଙ୍ଗର ପସରା
ଛୁଟେ ଯୂଇ ଜାଇ ବାସ ।।

ମଳୟ-ବୀଣାରେ ପାଗଳ ଭଅଁର
କେତେ ସୁରେ ଯାଏ ଗାଇ
ପାଖୁଡ଼ା ହଲେଇ ନହୁଲୀ ଗୋଲାପ
ସୁରଭିରେ ନିଏ ମୋହି

ଜୀବନର ଏଇ ପହିଲି ପ୍ରେମରେ
ଭରା ନୂଆ ରୂପ ରସ
ଋତୁର ଏ ଚକା ଭଉଁରୀ ଖେଳରେ
ଆସିଅଛି ମଧୁମାସ ।।

ଫଗୁଣ-ବେଦୀରେ କୁସୁମ ଅଳିର
ଏ ଯେ ଶୁଭ ପରିଣୟ
କୋଇଲି ବଜାଏ ମହୁରୀ ମଧୁରେ
ମନ ହୁଏ ବିନିମୟ

ଆକାଶ ଧରାକୁ ଚୁମିଚୁମି ଯାଏ
ହସିଉଠେ ଦଶଦିଶ
ଋତୁର ଏ ଚକା ଭଉଁରୀ ଖେଳରେ
ଆସିଅଛି ମଧୁମାସ ।।

ପାଟପୁର, କନିସି
ଗୋଳନ୍ଥରା, ଗଞ୍ଜାମ



# ଚକୁଳିଆ ପଣ୍ଡା ଏ ବସନ୍ତ

ରମେଶ ଚନ୍ଦ୍ର ମିଶ୍ର

ତମେ କହୁଛ
ଆଜିକାଲି ଫଗୁଣଟା
ଦୁଷ୍ଟ ହବା ଆରମ୍ଭ କଲାଣି,
ତାହା ତ ଠିକ୍ ଯେ
ଦେଖି ତମେ କହିଲ
ଫଗୁଣଟା କେଉଦିନ ଶିଷ୍ଟ ଥିଲା ଯେ
ଏବେ ଦୁଷ୍ଟ ହୋଇଗଲା
ଯୁଗେ ଯୁଗେ ତ ସେ ସେଇଭଳି ଦୁଷ୍ଟ ଖଜବଜିଆ
ଅମୃତ ଭାଣ୍ଡରେ ଲୁଚେଇ ଲୁଚେଇ ଟୋପେ
ଦି'ଟୋପା ବିଷ ଢାଳିଦିଏ ବୋଲି
ତା' ମାଲିକ ତା' ପାଇଁ
କାଠ ଗଡ଼ାରେ ହୋଇଥାଏ ଠିଆ।

ଥରେ ତ ଗୋଟା ଜଳି ଯାଇଥିଲା
ଶିବଙ୍କର ତୃତୀୟ ନେତ୍ରରେ,
ଉଦ୍ଦେଶ୍ୟ ମହତ ହେଲେ ବି
ଧସେଇ ସେ ପଶିଆସେ ବୋଲି
ବିନା କୋଉ ପୂର୍ବ ସୂଚନାରେ।

ତାହା ପାଇଁ ଗଛମାନେ ଲଣ୍ଡା ହୁଅନ୍ତି
ଆତ୍ମୀୟ ମୃତ୍ୟୁରେ ଯେମିତି ଏ ମଣିଷ,
ଖାଁ ଖାଁ, ଟାଙ୍ଗର ହୋଇଯାଏ ବଣ ଭୂଇଁ
ଅମାନିଆଁ ମଳୟର ଅବାଧ ପ୍ରବେଶ।
ସ୍ୱପ୍ନମାନେ ରଙ୍ଗ ବେରଙ୍ଗର
ଫୁଲ ଆଉ ପ୍ରଜାପତି ହୋଇ
ତରୁଣ ତରୁଣୀଙ୍କ ମନ ତଳେ ଛପିଯା'ନ୍ତି
ମନାଇବାକୁ କାମନାର ବିଜୟ ଉଲ୍ଲାସ।

ମୋ ଗାଁ, ତୁମ ଗାଁ, ସେମାନଙ୍କ ଗାଁ
ତରୁଣ ତରୁଣୀମାନେ ପାଦ ଖସାନ୍ତି,
ଅଖୋଜା ଅଲୋଡ଼ା ଅନ୍ଧାରକୁ ଆପଣେଇ ନେଇ
ଧରିପଳା(ଆସୁରିକ ବିବାହ)ର କାହାଣୀ ସବୁ
ଖବରକାଗଜ ଦେହରେ ଛାଇଯାଇଥାଏ,
ଏ ଦୁଷ୍ଟ ବସନ୍ତ
ଜୀବନ ଯମୁନାର ଗୋଟିଏ ପାଖ
ଆନନ୍ଦର ହାଟ ବସାଇବା ବେଳେ
ଆର ପାଖୁ ଝଣ ଝଣ ହୋଇ
କାହା କାହା ମନ ଭାଙ୍ଗିବାର

ନିଜ ନିଜ ଗୁଣ, ଜ୍ଞାନରେ
ବୁଝିବାକୁ ଶ୍ଳେଷାର୍ଥବୋଧକ ଭାଗବତ
ପଢେ ଏ ବସନ୍ତ ନୀରବିଯାଏ
କିନ୍ତୁ ଗାଁ' ଭାଗବତ ଟୁଙ୍ଗୀ
ଗାଁ'ମୁଣ୍ଡ କ୍ଲବ୍ ଘରେ ଭିଡ଼ ଜମେ ଟୋକାଙ୍କର
ଟୁଂ ଟାଂ ଶବ୍ଦରେ ଗହଳି ଲଗାନ୍ତି
ତାସ୍ ପାଲି ସହିତରେ ନାଲି ସରବତ।

ତଥାପି ଏ ବସନ୍ତ ଋତୁରାଜ ହୁଏ
ଏକ ନିର୍ଦ୍ଦିଷ୍ଟ କାଳଖଣ୍ଡର ରାଜତ୍ୱ ଭିତରେ
ବର୍ଷ-ଚକ୍ରର ସୂଚୀ କରିଥାଏ।

ଫଗୁ ଅବିରମିଶା ରଙ୍ଗିଲା ଦେହରେ
ଏ ବସନ୍ତ ଚକୁଳିଆ ପଣ୍ଡା ହୋଇଯାଏ
ଉନ୍ମତ୍ତ ମଳୟ କଣ୍ଠରେ
ଝଡ଼ି ପଡୁଥିବା ପତ୍ରରେ ନିଜକୁ ସଜେଇହୋଇ,
ପ୍ରେମମୟ ଶ୍ରୀକୃଷ୍ଣଙ୍କ ବାର୍ତ୍ତା ଦେଉଥାଏ...
ବାସାଂସି ଜୀର୍ଣ୍ଣାନି ଯଥା ବିହାୟ
ନବାନି ଗୃହ୍ଣାତି ନରୋପରାଣି
ତଥା ଶରୀରାଣି ବିହାୟ ଜୀର୍ଣ୍ଣା-
ନ୍ୟନାନି ସଂଯାତି ନବାନି ଦେହି।

ତାପସ କୁଟୀର, ବଇଣ୍ଡା,
ଅନୁଗୋଳ

# ଫଗୁଣ ଫେରିଛି

ସୌଦାମିନୀ ସାହୁ

ଫଗୁଣ ଫେରିଛି ମୋ'ରି ଗାଁ'କୁ
ଲେଖିଛି ପତର ଆମ୍ର ବଉଳେ,
ଚୋରା ମଳୟର ପରଶରେ ଲାଲି
ଲେସି ହୋଇଯାଏ ତନୁ ମନରେ ।

ଅନୂଢ଼ା ରୂପସୀ ଲାବଣ୍ୟବତୀ କି
ମୋ' ଗାଁ'ର ଶୋଭା ନୟନେ ଫାଙ୍କେ,
ଋଷି ମନଜିଣା ସବୁଜ ଶିରୀ ତା'
ନାଲି ଓଢ଼ଣୀରେ ପଳାଶ ଆଙ୍କେ ।

ସଜସଜ ମଲ୍ଲୀ ମହକରେ ହଜେ
ଅଳସୀ କୁଆଁରୀ ଗଭାରେ କେହି,
ସାତରଙ୍ଗ ଫଗୁ କିଏ ବିଞ୍ଚି ଦେଲା
ଲାଜର ଗହଣା ପିନ୍ଧାଇ ଦେଇ ।

ଫଗୁଣ ଫେରିଛି ମୋ'ରି ଗାଁ'କୁ
ସମ୍ମୋହନେ ରାଧାକୃଷ୍ଣ ବିମାନେ,
ଯୂଇ-ଜାଇ-ହେନା ହସର ସମ୍ଭାର
ଲାଗିହେବେ ପ୍ରଭୁ ଶ୍ରୀଛନ୍ଦା ଚରଣେ ।

ଗୋପାଳ ଓଗାଳ ଗାଇବେ ସଖା
ଲଉଡି ଖେଳରେ ଧୂଳି ଉଡ଼ାଇ,
ସତେ ସେ ଢଳିଢଳି ନାଚୁଥିବେ
ରାଧିକାମୋହନ ମୋ' କଳାକହ୍ନେଇ ।

ଘରେଘରେ ସୁଖ ଆସର ବସିବ
ଫଗୁଣ ଫେରିଛି ବରଷେ ପରେ,
ଯତନେ ପଖାଳେ ଶ୍ରୀରାଧାଙ୍କ ପାଦ
କାହ୍ନା ରଙ୍ଗେଇ ଦେବ ପ୍ରେମରଙ୍ଗରେ ।

ସଫା, ଟାଙ୍ଗୀ,
କଟକ

# ହେ ଫଗୁଣ ମୋତେ ଦିଅ ନାହିଁ ଦୁଃଖ...

**ମନୋରଞ୍ଜନ ଦଳେଇ**

ଫଗୁଣ ଆସିଲେ କୋଇଲି ରାବଇ
ଆମ୍ର କୁଞ୍ଜବନେ ବସି,
ବଉଳ ସୁରଭି ବସନ୍ତ ମଳୟ
ପବନରେ ଆସେ ଭାସି। (୧)

ଦୋଳଗୋବିନ୍ଦଙ୍କ ସହ ହରଗୌରୀ
ବସି ଦୋଳ ବିମାନରେ,
ବୁଲନ୍ତି ଗ୍ରାମରେ ଭୋଗ ଖାଇବାକୁ
ମିଶି ଦୋଳ ପୁନେଇଁରେ । (୨)

ଫଗୁଣ କୁମାରୀ ଧରିତ୍ରୀକୁ ଚାହେଁ
ଅବଗୁଣ୍ଠନକୁ ଖୋଲି,
ଶୁଦ୍ଧ ପରିବେଶ ଦେଖି ସତେ ସିଏ
ହସୁଥାଏ ଖିଲିଖିଲି । (୩)

ଫଗୁଣ ଆସିଲେ କାହା ଜୀବନରେ
ସାତ ରଙ୍ଗ ବୋଳି ଦିଏ,
ଆଉ କାହା ପାଇଁ ଶ୍ରାବଣର ଲୁହ
ଉପହାର ଆଣିଥାଏ । (୪)

କାହା ଚଲାପଥ ନାଲି କୃଷ୍ଣଚୂଡ଼ା
ଫୁଲରେ ଦିଏ ସଜାଇ,
ଆଉ କାହା ପଥେ କଣ୍ଟାର ପାହାଡ଼
ଫଗୁଣ ଦିଏ ବିଛାଇ । (୫)

କରିଲା ପାଷାଣ ମୋତେ ଏ ଫଗୁଣ
ଦୁଃଖ ଦେଇ ଜୀବନରେ,
ଆସି ନେଲା ହରି ମୋ ବାଛୁରୀ ପ୍ରାଣ
ପକାଇ ସେ ବେମାରରେ । (୬)

ଫଗୁଣ ଆଣିଲା ଫାଟୁଆ ରୋଗକୁ
ଆସୁ ଆସୁ ଏ ବରଷ,
ଗୋ ମାତା ମାନଙ୍କୁ କଲବଲ କରି
କଷ୍ଟ ଦେଇ କଲା ନାଶ । (୭)

ମୋ ଆଖି ଆଗରେ ଜୀବନ ହାରିଲା
କଅଁଳା ବାଛୁରୀ ମୋର,
ନପାରିଲି ରଖି ତା'ର ଜୀବନକୁ
ଚେଷ୍ଟା କରି ବାରମ୍ବାର । (୮)

ହେ ଫଗୁଣ ମୋତେ ଦିଅ ନାହିଁ ଦୁଃଖ
ସହିବାକୁ ଧୈର୍ଯ୍ୟ ନାହିଁ,
ଏତିକି ପ୍ରାର୍ଥନା କରୁଅଛି ଆଜି
ତୁମ ଚରଣରେ ମୁହିଁ ।(୯)

ଦୁଃଖ କାହାଣୀକୁ ବର୍ଣ୍ଣିବା ପାଇଁକି
ପାଶେ ନାହିଁ ମୋ ଶକତି,
ମନର ବେଦନା ଗୀତରେ ଲେଖିଲି
ତୁଣ୍ଡେ ଭଜି ସରସ୍ୱତୀ । (୧୦)

**ପତନିବର, ସାରୁଅ,**
**ବେଗୁନିଆ, ଖୋର୍ଦ୍ଧା**

# ଫଗୁଣ

ନିରୁପମା ପାଣି

ରଙ୍ଗହୀନ ଫଗୁଣକୁ
ସଙ୍ଗ ହୀନ ଜୀବନ
ପ୍ରୀତିର ମଳୟ ମିଛେ
ଛୁଇଁ ଯାଏ ଏ ମନ

ଦେହରେ ବହୁଛି ପୁଣି
ଉଜାଣି ତ ଯମୁନା
ଅମାନିଆ ମନ ଆଜି
କା' ଆକଟ ମାନେନା

ପ୍ରିୟତମ ପାଶେ ଧାଏଁ
ସ୍ପର୍ଶ ଇଚ୍ଛା ବାଞ୍ଛି
ମିଠା ଆଲିଙ୍ଗନ ଚାହେଁ
ଲୋଡ଼ା ନାହିଁ କିଛି

ଫଗୁଣର ପ୍ରେମ ରଙ୍ଗ
ସେ ଫଗୁ ଅବିର
ଭିଜାଇ ଦେବକି ଥରେ
ପୂର୍ବ ପରକାର

ମିଛେ ମନା କରୁଥିବି
ମନେ ଆଶାଭରି
ସର୍ବାଙ୍ଗରେ ବୋଳିଦେବ
ସେଯେ ରଙ୍ଗ ନାଲି

ନରମ ଛୁଆଁରେ ପୁଣି
ଗରମ ଭାବନା
ଦେହମନ ଏକ କରି
ଦେବ ସେ ପାଉଣା

ଫଗୁଣରେ ଲିଭିଯିବ
ଶରୀର ଜ୍ୱଳନ
ଦେହେ ଭରି ଯାଇଥିବ
ନୂଆ ଶିହରଣ

ବିନତରା,
ଭଦ୍ରକ



# ଫୁଲେଇ ଫଗୁଣ

ସୁଲୋଚନା ସ୍ୱାଇଁ

ଫୁଲରେ ସଜେଇ ହେଇ ଫୁଲେଇ ଫଗୁଣ
ଧରଣୀ ମାଆର ଶୋଭା ବଢ଼ାଇ ଦ୍ୱିଗୁଣ
ଧୀର ସମୀରଣ ଧରି ସାଥିରେ ଆସିବ
ଦରହାସେ ବସନ୍ତକୁ ଲାଜେଇ ଚାହିଁବ
ଗୁଣୁଗୁଣୁ ଗୀତ ଗାଇ ପାଗଳ ଭଅଁର
ସରାଗେ ନାଚିବ ଦେଖି ଫୁଲର ସମ୍ଭାର
ଅମାନିଆ କୋଇଲଟା ଆମ୍ବ ଡାଳେ ବସି
ସ୍ୱାଗତ ସଂଗୀତ ଗାଉଥିବ ହସି ହସି...
ସପନ ସଉଦାଗର ମେଲାଇ ପସରା
ଫଗୁଣର ଅଗଣାରେ ଖୋଜିବ ଆଶରା
ରକ୍ତବର୍ଣ୍ଣ ଶାଢ଼ୀ ପିନ୍ଧି ଝଟକି ସକାଳ
ଶୁଣୁଥିବ ପ୍ରଭାତୀ ପକ୍ଷୀଙ୍କ କୋଳାହଳ
ସୁନେଲି ମୁରୁଜ ବୁଣି ପ୍ରାଚ୍ୟ ଆକାଶରେ
ସୁରୁଜ ଉଇଁବ ବର୍ଣ୍ଣମୟ ପ୍ରଭାତରେ
ସନ୍ଧ୍ୟାରେ ଦେଖିଣ ପୁନେଇଁର ରୁପାଜହ୍ନ
ଜୋଛନାରେ ଭିଜୁଥିବ କୁଆଁରୀର ମନ
ସୁଗନ୍ଧିତ ମଲିଫୁଲ ଫୁଟି ଅଗଣାରେ
ଝୁରିହେବ ଝୁଲିବାକୁ କହ୍ନେଇ ଗଳାରେ
ସଞ୍ଜେ ଫୁଟି ସକାଳକୁ ମଉଳି ସେ ଯିବ
ତଥାପି ନିଜ ବାସ୍ନାରେ ଜଗତ ମୋହିବ
ପୂର୍ଣ୍ଣିମା ଚାଚେରୀ ଭୋଗଖିଆ ହୋଲି ଖେଳ
ଫଗୁଖେଳେ ମାତିଥିବେ ସଂକୀର୍ତ୍ତନ ଦଳ...
ଦୋଳମଣ୍ଡପ ଉପରେ ବସିଥିବେ ଦିଅଁ
ପାଞ୍ଜି ପଢ଼ି ଶୁଣାଇବେ ଗ୍ରହବୀପ୍ର ପୁଅ..
ସ୍ନେହଁ ଶ୍ରଦ୍ଧା ଭାତୃଭାବ ହୃଦୟେ ଭରିଣ..
ଧରାରୁ ବିଦାୟ ନେବ ଫୁଲେଇ ଫଗୁଣ....

ବରାଙ୍ଗ, ଅସ୍ତରଙ୍ଗ, ପୁରୀ

# ଫଗୁଣ

ଅଶେଷ ଲୋଚନ ଆଚାର୍ଯ୍ୟ

ବସନ୍ତର ହାତ ଧରି ଧରାଧାମେ
ନେଇ ଆସିଥାଏ ଫଗୁଣ,
ବସନ୍ତକୁ ପାଇ ଧରଣୀ ରାଣୀର
ଖୁସି ହୋଇଯାଏ ଦ୍ୱିଗୁଣ।
ପତ୍ରଝଡ଼ା ପରେ ପଲ୍ଲବି ଉଠଇ
ତରୁଲତା ଚାରି ପାରୁଶେ,
ପାଟଳ ବର୍ଣ୍ଣର ନବ କିଶଳୟ
ରବି କିରଣରେ ଝଲସେ।
ଯୁଇ ଯାଇ ହେନା ମଲ୍ଲୀ ଛୁରିଅନା
ଛୁଟାଇ ଦିଅନ୍ତି ସୁବାସ,
ବାଳ ଅରୁଣକୁ ଦେଖି ସରୋଜିନୀ
ହସୁଥାଏ ଲାଜୁଆ ହସ।
ଫଳ ଧାରଣର ଆଶାରେ ପାଦପ
ଫୁଟାଇ ଦିଅନ୍ତି କୁସୁମ,
ପ୍ରଜାପତି ଆଉ ଭ୍ରମର କରନ୍ତି
ପୁଷ୍ପର ପରାଗ ସଙ୍ଗମ।
ମହୁମାଛି ପୁଣି ଫୁଲ ଚାରିପାଶେ
ଗୀତ ଗାଇ କାଟେ ଚକ୍କର,
ମଥାନତ କରି କରଇ ସ୍ୱାଗତ
ମିଳନର ଆଶେ ଅଧୀର।

ଆମ୍ର କାନନରେ ପତ୍ର ଗହଳରେ
ଲୁଚି ବୁଲୁଥାଏ କୋଇଲି,
ଆମ୍ର ବଉଳରୁ ମଧୁ ପାନକରି
ଗାଏ ପଞ୍ଚମ ସ୍ୱର ମେଲି।
ହଳଦୀ ବସନ୍ତ ଗଛରୁ ଗଛକୁ
ଉଡେ ଆସିଗଲେ ଫଗୁଣ,
ମଳୟ ସମୀର ପାଇ ତନୁ ମନେ
ଉଠେ ବେପଥୁ ଶିହରଣ।
ପକ୍ଷୀ ଓ ପକ୍ଷୀଣୀ ଆନନ୍ଦ ମନରେ
ମଜ୍ଜିଯାନ୍ତି କାମ ରସରେ,
ଦୋଳ ପୂର୍ଣ୍ଣିମାରେ ରାଧା କୃଷ୍ଣଙ୍କର
ମିଳନ ହୋଇବ କୁଞ୍ଜରେ।
ଫଗୁଣ ଆସିଲେ ବିବାହ ପ୍ରସ୍ତାବ
ଚାଲଇ ପୁଅଝିଅଙ୍କର,
ଝିଅ ବାପାମାଆ ଧରା ଦିଅନ୍ତନି
ଯୁଗ ପାଲଟିଛି ଏଥର।
ନିଆଁ ଲାଗିଯାଏ ପଳାଶ ଗଛରେ
ନାଲି ଫୁଲ ଦିଶେ ସୁନ୍ଦର,
ଫଗୁଣ ଆସିଲେ ଜୀବଜଗତର
ବସିଯାଏ ଖୁସି ଆସର।

ବଳଭଦ୍ରପୁର,
ମୟୁରଭଞ୍ଜ



# ଫଗୁଣ

**ସୂର୍ଯ୍ୟକାନ୍ତି ଦାଶ**

ନିୟତି ନିୟମ   ଗ୍ରହ ବିବର୍ତ୍ତନ
ଋତୁଚକ୍ର ଆଗମନ
କୁଝ୍ଝଟୀକା ଶୀତ   କଲେ ମଥାନତ
ବହେ ମୃଦୁ ସମୀରଣ ।
ଶୀତରେ ବ୍ୟଥିତ   ନର, ପଶୁପକ୍ଷୀ
ଅନୁଭବରେ ଅଶ୍ୱସ୍ତ
ଉତ୍ତରା ପବନ   ଧରାରୁ ବିଦାୟ
ଦକ୍ଷିଣାକୁ ସୁସ୍ୱାଗତ ।
ଶୀତର ପ୍ରକୋପ   ଗ୍ରୀଷ୍ମର ଉତ୍ତାପ
ଅଳ୍ପ ସ୍ୱଳ୍ପ ଅନୁଭୂତ
ସେ ପରିବର୍ତ୍ତନ   ସଦା ରଖେ ମାନ
ଲାଗେ କେଡେ ଅଦଭୂତ ।
କି ଆନନ୍ଦମୟ   ଶୋଭାର ନିଳୟ
ଉପବନ, ବିଲ, ଭୂଇଁ
ପୁଷ୍କରିଣୀ ଜଳ   ଦିଶେ ସୁନିର୍ମଳ
ଢଳଢଳ ନୀଳକଇଁ ।
ପଳାସ କେତକୀ ଗୋଲାପ ସେବତୀ
କାମିନୀ ବଉଳ ମଲ୍ଲୀ
ଆଜିର ସ୍ୱପ୍ନକୁ   ବାସ୍ତବ ରୂପରେ
ଦେଖି ତ ପାରିବା କାଲି ।

ନିମ୍ବଫୁଲ ବାସେ   ଟହ ଟହ ହସେ
ଚତୁର୍ଦ୍ଦିଗେ ବିଛୁରିତ
ରୋଗ ନିବାରଣ   ତା' ମହତ ଗୁଣ
ଶରୀର ପାଇଁ ସେ ହିତ ।
ରଙ୍ଗଶୋଭା ବହି   ପ୍ରଜାପତି ମୋହି
ଭ୍ରମର ପୁଷ୍ପେ ବସଇ
ଗୁଣୁଗୁଣୁ ଗାଇ   ମନେ ସ୍ୱପ୍ନ ଦେଇ
ମଧୁମକ୍ଷୀ ଆକର୍ଷଇ ।
ଆମ୍ବବଉଳର   ମହୁଆ ମହକ
ବୃକ୍ଷରାଜି ଦିଶେ ତୋରା
କୋକିଳର ତାନ   କିଣି ନିଏ ମନ
ରାଗିଣୀ ମାଦକଭରା ।
କଖାରୁ, କାକୁଡି   ଜହ୍ନି, ବାଇଗଣ
ଶିମ୍ବ, ଭେଣ୍ଡି, ତରଭୁଜ
ଶରୀରକୁ ବଳ   ପଇଡ଼ର ଜଳ
ଥଣ୍ଡା ଗଛମୂଳ ଖୋଜ ।
ହଳଦୀବସନ୍ତ   ଘଷେ ଥଣ୍ଟ ବୃନ୍ତ
ଗଢେ ଶୋଭାର ସଂଚାର
କଜ୍ଜଳପତ୍ରୀଟି   ଧେନୁପୁଛେ ଲୋଟି
ଆନନ୍ଦେ ହୁଏ ବିଭୋର ।
ପୌଷେ ପତ୍ରଝଡା ମାଘେ ଶୀତବୁଡ଼ା
ଅପସରି ଯାଏ ଧରା
ବସନ୍ତ ଆଗତ   ନବ ପଲ୍ଲବିତ
ମଣ୍ଡେ ସୌନ୍ଦର୍ଯ୍ୟ ପସରା ।

ବସନ୍ତ ପଞ୍ଚମୀ   ଶ୍ରୀରାମ ନବମୀ
ମଧ୍ୟେ ଅଶୋକାଷ୍ଟମୀ
ଶିବରାତ୍ରି କାମୀ ଦୋଳଯାତ୍ରା ପ୍ରେମୀ
ଭକତ ଅନ୍ତରେ ସ୍ୱାମୀ ।
ଫଗୁଣରେ ଫଗୁ ଖେଳରେ ଗୋବିନ୍ଦ
ମରତରେ ଅବତରି
ଆମ୍ବମୁକୁଳର   ଶୋଭାର ଭଣ୍ଡାର
କୀର୍ତ୍ତନ ଅଷ୍ଟପ୍ରହରୀ ।
ଚାଷୀଟି ଉଶ୍ୱାସ   ମୁଖେ ଫୁଟେ ହସ
ଗୃହେ ଭରି ଧାନ ଶସ୍ୟ
ମୁଗ, ରାଶି, ବିରି   କୋଳଥ, ମାଣ୍ଡିଆ
ଶ୍ରମେ ସାଇତେ ଅବଶ୍ୟ ।
ସବୁରସଦ୍ଧେ ବି   ମନେ ଅବସୋସ
ମଧୁକାଳ ଆଗମନେ
ମିଳିମିଳା ସାଥେ   କାଛୁକୁଣ୍ଡିଆ ତ
ଦେଖାଦିଏ ଧରାଧାମେ ।
କୃଷ୍ଣନାମେ ମଜ ରାଧେ ରାଧେ ଭଜ
କଟାଅ ଦିବସ ରାତି
ଜ୍ଞାତ ବି ନଥିବ   କେବେ ଲିଭିଯିବ
ଜୀବନର ସଞ୍ଜବତୀ ।

**ଓଗାଳପଡା, ଯାଆଁଳା,**
**ଜଟଣୀ, ଖୋର୍ଦ୍ଧା**



# ଫଗୁଣ

ଜ୍ୟୋତିପ୍ରଭା ପଟ୍ଟନାୟକ

ଫଗୁଣ ହେ ଫଗୁଣ, ତୁମକୁ ରହିଲା ରାଣ
ଆସିବ ବସନ୍ତ ସାଥେ ନ କରି ଡେରି
ରକ୍ଷ ଦିଶେ ବୃକ୍ଷଲତା,
ହେବେ ନବ ପଲ୍ଲବୀତା
ଫେରିବ ଧରାରେ ଏବେ ସବୁଜ ଶୀରି
ମେଲାଣି ନେଲେ ଶୀତରାଣୀ
ଆସିବ ମଥାରେ ଦେଇ ନାଲି ଓଢଣୀ

ଫଗୁଣ ହେ ଫଗୁଣ, ତୁମକୁ ରହିଲା ରାଣ
ଆମ୍ର କାନନେ ଆସିବ ଆମ୍ବ ବଉଳ
କୋଇଲି ଗାଇବ ଗୀତ,
ପଞ୍ଚମ ତାନ ସଙ୍ଗୀତ
ମହ ମହ ବାସୁଥିବ ତୋଟା ଗହଳ
କୃଷ୍ଣଚୁଡା ରଙ୍ଗ ସାଥେ
ଜୁଇ ,ଜାଇ,ହେନା,ମଲ୍ଲି,ଫୁଟିବେ କେତେ

ଫଗୁଣ ହେ ଫଗୁଣ, ତୁମକୁ ରହିଲା ରାଣ
ଶିବ ମନ୍ଦିରେ ଜାଳିବ ଜାଗର ଦୀପ
ଦେବ ଦେବ ମହାଦେବ
ସତ୍ୟ,ସୁନ୍ଦର,ଶିବ
ହରିନେବେ ଜୀବନର ସକଳ ପାପ
ମହାଶିବ ରାତ୍ରି ଜାଗର
ଜାଗର ଜାଳିବ ରାତ୍ର ରହି ଉଜାଗର

ଫଗୁଣ ହେ ଫଗୁଣ, ତୁମକୁ ରହିଲା ରାଣ
ମୃଦୁ ମନ୍ଦ ମଳୟରେ ବାଣ୍ଟି ସୁବାସ
ଉପବନରେ କୁସୁମ
ଫୁଟି ଦିଶଇ ସୁଷମ
ହେବ ରାଧା କୃଷ୍ଣ ଙ୍କର ବସନ୍ତ ରାସ
ଦେହେ ରଙ୍ଗ ଅବିର ବୋଳି
ରଙ୍ଗୋଲି ସଜାଇ ଆମେ ଖେଳିବା ହୋଲି

ଫଗୁଣ ହେ ଫଗୁଣ, ତୁମକୁ ରହିଲା ରାଣ
ସକାଳ ସଜ କିରଣ ଅଜାଡି ଦେବ
ଋତୁ ସମ୍ରାଟ ସାଥିରେ
ଆସିବ ତୁମେ ସଧୀରେ
ପ୍ରେମ ପ୍ରୀତି ପାରାବାରେ ବୁଡ଼ାଇ ସର୍ବ
ଶ୍ରୀମନ୍ଦିରେ ଫଗୁ ଦଶମୀ
ଚାଚେରୀ ବେଶ ଦର୍ଶନ, ଜଗନ୍ନାଥ ସ୍ୱାମୀ

ଫଗୁଣ ହେ ଫଗୁଣ,ତୁମକୁ ରହିଲା ରାଣ
ନାହିଁ ଶୀତ ନାହିଁ ଖରା ଏ ବେଳେ ବେଶି
ଅମାର ଭରତି ଧାନ,
ପାଇ ଚାଷୀ ଭାଇ ମନ
ଶୁଭକାର୍ଯ୍ୟ କରିବ ସେ ହୋଇଣ ଖୁସି
ସଂସ୍କାର ସଂସ୍କୃତି ପସରା
ଓଡ଼ିଆ ପର୍ବପର୍ବାଣୀ ଆମ ଭାଇଚାରା

ଖୋର୍ଦ୍ଧା

# ଫଗୁଣ

ନଳିନୀ ପ୍ରଭା ମିଶ୍ର

ମୁଠାଏ ଅବିର ରଙ୍ଗରେ
ଫଗୁଣ ରଙ୍ଗୋଲି ବସନ୍ତ ଋତୁ
ନବ ଉନ୍ମାଦନା ମାନସରେ ଆଣେ
ପରିବର୍ତ୍ତନର ହେତୁ।
କୋକିଳ କଣ୍ଠରେ ମିଠା ଗୀତ
ସୁର ଫଗୁଣର ଆଗମନ
ଫୁଲେଇ ହେଉଛି ଫୁଲ ଉପବନେ
ହୃଦୟର ଶିହରଣ।
ଚୋରା ମଳୟର ପରଶେ ଫଗୁଣ
ହୋଇଅଛି ମନଛୁଆଁ
ନନ୍ଦନକାନନ ସତେ କି! ଧରଣୀ
ସବୁ ଲାଗେ ନୂଆଁ ନୂଆଁ।
ବିରହ ତାତିରେ ଜଳୁଛି ପଳାଶ
ଫଗୁଣ କି! ବୁଝେ ଦୁଃଖ
କାହା ପାଇଁ ଆଜି ସୁଖ ଆଗମନୀ
କାହା ପାଇଁ ଅଜସ୍ର ସୁଖ।

କି! ଜଳସ୍ଥଳ ସର୍ବତ୍ର କରୁଛି
ଫଗୁଣ ରଙ୍ଗେ ବିହାର
ପ୍ରକୃତି ସୁଷମା ଦିଶେ ଅନୁପମା
ସୌନ୍ଦର୍ଯ୍ୟର ଗନ୍ତାଘର।
କବିର ମନ ଆଜି ହେଉଛି ଉଚ୍ଚାଟ
ଦେଖି ଏ ଫଗୁଣ ଶୋଭା
କଳ୍ପନା ତୂଳୀରେ କରୁଛି ଚିତ୍ରିତ
ବାସନ୍ତିକ ବର୍ଣ୍ଣବିଭା।
ନବ ପଲ୍ଲବିତ ହୋଇଅଛି ବୃକ୍ଷ
ବସିଛି ଫୁଲର ହାଟ
ଫଗୁଣ ସାଥିରେ ଆସିଛି ଧରାରେ
ବସନ୍ତ ଋତୁ ସମ୍ରାଟ।

ମୁକୁନ୍ଦ ପୁର, ଆସ୍କା,
ଗଞ୍ଜାମ

# ଫଗୁଣରେ ଦୋଳ ବିମାନ (ରାଗ କୌଶିକ)

ସନ୍ତୋଷିନୀ ଦାଶ



ଋତୁରାଜ ବସନ୍ତର ଆଗମନେ
ପିକ ଗାଏ ଆମ୍ର କାନନେ
ଫୁଲ ଚାରିପାଖେ ଗୁଣୁଗୁଣୁ ହୋଇ
ଅଳି କହେ କିଛି ଗୋପନେ
ପ୍ରୀତି ସନ୍ଦେଶ
ଦେଇ ପ୍ରକାଶେ ଅଭିଳାଷ
ସତୃଷ୍ଣ ନୟନେ ଚାହିଁ ରହେ କ୍ଷଣେ
କରି ଅନୁରାଗ ପ୍ରକାଶ

ଦୋଳ ଗୋବିନ୍ଦଙ୍କୁ ଦୋଳ ବିମାନରେ
ବସାଇ କରନ୍ତି ମେଳଣ
ଆମ୍ବ ଚଣା ଖାଇ ମନ ଆନନ୍ଦରେ
ବୁଲୁଥା'ନ୍ତି ରାଧାରମଣ
କରି ଦର୍ଶନ
ଲଗାଇ ଭକ୍ତିର ଅଞ୍ଜନ
ଯୁଗଳ ମୂର୍ତ୍ତିଙ୍କୁ ସ୍ୱଚକ୍ଷୁରେ ଦେଖି
କରେ ପାପ ତାପ ମୋଚନ

ତହିଁ ପରଦିନ ଭକ୍ତଙ୍କ ମେଳରେ
ରାଧାକୃଷ୍ଣ ଖେଳନ୍ତି ହୋଲି
ଭାବର ଆବେଶେ ବିଭିନ୍ନ ରଙ୍ଗକୁ
ଦେହେ ହୁଅନ୍ତି ବୋଳା ବୋଳି
ଭାବ ବନ୍ଧନ
ଅତୁଟ ରହେ ଚିରଦିନ
ବସନ୍ତ ଋତୁରେ ରାଧାକୃଷ୍ଣ ରାସ
ଦେଖିବାକୁ ଭକ୍ତ ସତୃଷ୍ଣ

ସବୁ ସାହି ଦୋଳ ବିମାନ ଗୁଡିକ
ପଡ଼ିଆରେ ହୁଏ ମେଳଣ
ନାନା ବିଧ ବାଦ୍ୟ କେତେ ନୃତ୍ୟ ଗୀତ
ପ୍ରାନ୍ତର ହୁଏ କମ୍ପମାନ
ଖୁସି ମନରେ
ନାଚୁଥାନ୍ତି ଲୋକେ ଭକ୍ତିରେ
ଦର୍ଶକ ମଣ୍ଡଳୀ ମାରୁଥାନ୍ତି ତାଳି
ଭୋଳ ହୋଇ ଭାବପ୍ରୀତିରେ

ବରଗଡ

# ଫଗୁଣ

ସଂଯୁକ୍ତା ଚମ୍ପତିରାୟ

ବରଷକେ ପଡେ ବାରଟି ମାସ
ଛଅ ଋତୁ ନେଇ ଆସେ ବରଷ।
ବିଧିର ବିଧାନ ବଡ ବିଚିତ୍ର
ସମୟରେ ଚାଲେ ଋତୁର ଚକ୍ର।
ବସନ୍ତରେ ଆସିଥାଏ ଫଗୁଣ
ବସୁମାତା ମନ ଅତି ପ୍ରସନ୍ନ।
ଫଗୁଣ ଆସିଛି ଅବିର ନେଇ
ଖୁସିର ଆସର ତାହାରି ପାଇଁ।
ଦୋଳ ବିମାନରେ କଳାକହ୍ନେଇ
ଖୁସିରେ ଭକ୍ତଙ୍କୁ ଥାଏ ଅନେଇ।
ଚାରିଆଡେ ଆମ୍ବ ବଉଳ ବାସ
ଦିଗ ଚହଟାଇ ସେ ଚଉପାଶ।
ଜାତି ଜାତି ଫୁଲେ ଧରଣୀରାଣୀ
ନାନା ଜାତି ରଙ୍ଗ ଦିଏ ସେ ବୁଣି।
ସୁମଧୁର କଣ୍ଠେ କୋଇଲି ଗାଏ
ବସନ୍ତର ଆଗମନ ସୁଚାଏ।
ଶ୍ରୀଜୀଉଙ୍କ ହୁଏ ଚାଚେରୀ ବେଶ
ଭକତ ଆସନ୍ତି ଦେଶ ବିଦେଶ।
ମହାଦେବଙ୍କର ପର୍ବ ଜାଗର
ଦୀପଜାଳି ହୁଅନ୍ତି ଉଜାଗର।
ଫଗୁଦଶମୀରେ ଅବିର ଖେଳ
ଖୁସିରେ ସଭିଙ୍କ ମନ ବିଭୋର।
ଋତୁ ମଧ୍ୟେ ଶ୍ରେଷ୍ଠ ଅଟେ ବସନ୍ତ
କରେ ସେ ଧରାକୁ ସବୁଠୁ ଶାନ୍ତ।

ଜଙ୍କିଆ,
ଖୋରଧା

# ପଠାଇଛି ଛଅ ରଙ୍ଗ



**ସନ୍ନ୍ୟାସୀ ନାୟକ**

ପଠାଇଛି ଛଅ ରଙ୍ଗ ,
ପଠାଇନି ନାଲି ,
ଗତ ଫଗୁଣରେ ହାତ କାଟି
ମଥାରେ ବୋଳି ଦେଲି ବୋଲି,
ଏବେ
ରକ୍ତରେ ଖେଳୁଛି ହୋଲି ...

ବାଇଗଣୀ ରଙ୍ଗରେ ତୁମେ
ଲାଗ ରାଜଜେମା ,
ଶବ୍ଦ ସବୁ ଅଥୟ ଅଧିର
ଦେବାକୁ ଉପମା ........

ଘନ ନୀଳ ରଙ୍ଗରେ
ଫିଟି ଫିଟି ପଡେ
ତୁମ କୁଞ୍ଚାୟିତ କବରୀ ,
ମୁଁ ଚକିତ ଚାତକ
ପିଇଯାଏ ଐଶ୍ୱର୍ଯ୍ୟର ବାରି ....

ନୀଳ ରଙ୍ଗରେ ତୁମେ
ଉତଫୁଲୀତ ସାଗର ,
ତରଙ୍ଗାୟିତ ତାଳ ଦିଆ ଗତି ,
ମୋ ଜପତପ ସବୁ ଆକରଣ
ସାନ୍ୟାସୀ ହେବି ବା କେମିତି ?

ସବୁଜ ରଙ୍ଗରେ ତୁମେ
ଫଳପ୍ରସୁ ପୃଥିବୀଟେ ହୁଅ ,
ମୋ ଭିତରେ ତୁମେ
ନବନ୍ମେଷ ବିଜପତ୍ର
କଅଁଳି କଅଁଳି ଯାଅ ....

ହଳଦିଆ ରଙ୍ଗେ ତୁମେ
ବସନ୍ତକୁ ଅଟକାଇ ଦିଅ ....
ମୋ' ଭିତରୁ
ମୋତେ କାଢ଼ି ଦେଇ
ନୂଆଁ ଏକ କୋଣାର୍କ ଗଢିଦିଅ ....

ନାରଙ୍ଗି ରଙ୍ଗରେ ତୁମେ
ସୂର୍ଯ୍ୟ ସମ ଝଲମଲ ଦିଶ....
ମୁଁ ମୋର ହୋଇ ପାରେ ନାହିଁ ,
ଯନ୍ତ୍ରଣାରେ ଜର୍ଜରିତ
କେତେ ଯେ ବିବସ ....

ଲାଲ ରଙ୍ଗରେ ତୁମେ ଲାଗ,
ଲାଲ ଟୁକୁଟୁକୁ ସାଧବବୋହୁ ...
ତୁମ ସଭା ସାରା ଜୀବନ
ମୋ ହୃଦୟରେ ଥାଉ ...
ଛାତିଚିରି ପଠାଇବି କେମିତି
ଏ ଲାଲରଙ୍ଗ ଏମିତି
ଆମ ପାଖେ ପାଖେ ଥାଉ ....

**ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ**
**ଚକ୍ଷୁ ବିଭାଗ, ପୁରୀ**



# ହେ ଫଗୁଣ

ଆରତୀ ପ୍ରହରାଜ

ବସନ୍ତ ରାସର ବର୍ଣ୍ଣବିଭା ଆଉ ନବ ବସନ୍ତ ବର୍ଣ୍ଣନା
ଫଗୁଣ ଆଗମେ ଫୁଲିଉଠେ ଧରା ମନ ହୁଏ ଆନମନା
ମଧୁର ମଧୁର ମାଧୁରିମା ନେଇ ରଙ୍ଗ ଥାଳି ରାସଲୀଳା
ନବ ପଲ୍ଲବର ମିଳନ ବେଳାରେ ବାସ୍ନାୟିତ ମତୁଆଲା
ଥୁଣ୍ଟା ପାଦପରେ ସବୁଜିମା ଖେଳ ମଳୟ ରଥେ ଭ୍ରମର
ଚଇତି ବାଆର ଚୋରା ଚାହାଣିରେ ମଧୁ ମକ୍ଷିକା ତତ୍ପର
ଖରା ବରଷା ଓ ଶୀତ ଚାଲିଯାଏ ଖେଳୁଥାଏ ଲୁଚକାଳି
ସଜବାଜ ସାରି ଧରି ପିଚକାରୀ ଖେଳିବାକୁ ଆସେ ହୋଲି
ଆମ୍ବ ବଉଳର ମିଠା ମିଠା ବାସ କଅଁଳେ ଫୁଲ ପତର
କବି କଲମରୁ ଫଗୁଣ ଝରଇ ନାନା ରୂପେ ନିରନ୍ତର
କୋକିଳ ଆଳାପ ନବ ରାଗ ରୂପ ରୂପମୟ ଋତୁ ରାଜ
ଫାଲଗୁନ ର ଫାଶ କରିଛି ସୁବେଶ ଧରଣୀ ରାଣୀ କୁ ଆଜ
ପ୍ରେମର ବାରତା ଆଣେ ମାଦକତା ମଧୁ ମାସର ମଳୟ
ମନରୁ ମନକୁ ଛୁଇଁ ଛୁଇଁ ଯାଏ ଗଢେ ସ୍ବପ୍ନର ଆଳୟ
ପ୍ରେମ ଓ ଭକ୍ତିର ଯୁଗଳ ବିଗ୍ରହ ରାଧାକୃଷ୍ଣ ଫଗୁ ଖେଳ
ମହାଜାଗତିକ ଜାଗର ମହିମା ମହକେ ମହୀମଣ୍ଡଳ
ସରଗ ସୁନ୍ଦର ଋତୁ ସର୍ଜନାର ଅସରନ୍ତି ଏ ଭିଆଣ
ହେ ଫଗୁଣ ତୁମେ କରୁଥାଅ ସଦା ଜଗତର କଇଲାଣ

ଭୁବନେଶ୍ୱର



# ଫଗୁଣ

ପ୍ରତିମା ମହାରଣା

ଝିଲିମିଲି ଧରା ଖିଲିଖିଲି ହସେ
ଦ୍ୱିଗୁଣିତ ଫଗୁଣ ମହମହ ବାସେ ॥
ଥିରିଥିରି ଶୀତ ଯାଇଛି ତ ଫେରି
ବହେ ମୃଦୁ ବାୟୁ ସିରିସିରି କରି ॥
ରୁଣୁଝୁଣୁ ପାଦେ ପାଦ ଥାପି ଥାପି
ମନ୍ଦମନ୍ଦ ହସେ ଫଗୁଣର ଶଶୀ ॥
ଫୁଲେଇ ଫଗୁଣ ମହୀ ପରେ ଆସି
ବାଣ୍ଟୁଛି ବାରତା ସାଉଁଟୁଛି ଖୁସୀ ॥
ଭୁରୁଭୁରୁ ବାସ ଚହଟଇ ଦିଗ
ବଉଳ ମଲ୍ଲୀ କେତକୀ ପଳାସ ଗୋଲାପ ॥
ନାଲିଶଙ୍ଖା ପିନ୍ଧି କୃଷ୍ଣଚୂଡା ଫୁଲ
ନବବଧୂ ସାଜେ ତା' ମୂଲ ଅମୂଲ ॥
ସଜ ଫରଫର ନିମଫୁଲ ଫୁଟି
ବହଇ ସମୀର ରୋଗ ଦିଏ ନାଶି ॥
ଫଗୁଣ ଆଣଇ ରଙ୍ଗର ପସରା
ନବପଲ୍ଲବିତା ଏ ଧରଣୀ ସାରା ॥

ମାଆ ସରସ୍ୱତୀ ହେଲେ ଆବିର୍ଭୁତା
ବୁହାଇଣ ଜ୍ଞାନଗଙ୍ଗାର କବିତା ॥
ଛମଛମ ନାଚେ କବିର ଭାବନା
ଭସଭସ ଭାସେ ସୁରର ମୂର୍ଚ୍ଛନା ॥
ଦୋଳେ ଶ୍ରୀଗୋବିନ୍ଦ ଖେଳିଲେ ଅବିର
ହରିପ୍ରେମ ରସେ ଭକତ ବିଭୋର ॥
ହୋଲି ଆଣିଦେଲା ଭାଇଚାରା ଭାବ
ଭୁଲିଗଲେ ସବୁ ରାଗରୁଷା ଅହଂଭାବ ॥
ଭଅଁର ଗାଉଛି ଗୁଣୁଗୁଣୁ ସୁରେ
କୁହୁକୁହୁ ତାନେ କୋଇଲିଟି ଝୁରେ ॥
ପ୍ରୀତିଭରା ହସ ପ୍ରେମର କାହାଣୀ
ବିଶ୍ୱପ୍ରେମ ଭାବ ଦେଇଛୁ ତୁ' ବୁଣି ॥
ବୁଝେନି ମାନବ ତୋ'ର ହିତ କଥା
ବୁଝାଇଦେ ଟିକେ ତୋ'ର ପରିଭାଷା ॥
ହସିବ ଧରଣୀ ହସିବ ଜନନୀ
ରାଣ ମୋ' ରହିଲା ଆସିବୁ ତୁ' ପୁଣି ॥

କୋରାପୁଟ

# ଫଗୁଣ

ବୀଣାପାଣି ଦେବୀ

ଫଗୁଣ ଆସିଲେ ବସନ୍ତ ଆସଇ
ମନ୍ଦ ମନ୍ଦ ବହେ ବାତ
ନାନା ଜାତି ଫୁଲ ରୂପର ପସରା
ଝଲସାଇ ଦିଏ ନେତ୍ର
ଋତୁ ରାଜ ଶ୍ରେଷ୍ଠ ନାମ ତା' ବସନ୍ତ
ଫଗୁଣ ଚଇତ୍ର ମାସ
ଦୁଇ ମାସ ପାଇଁ ଆସଇ ଧରାକୁ
ହରି ନିଏ ସବୁ କ୍ଲେଶ
ନାହିଁ ଖରା ଶୀତ ନାହିଁ ପୁଣି ବର୍ଷା
ମନ ହୁଏ ପ୍ରଫୁଲ୍ଲିତ
ମଳୟ ପବନ ଆଣେ ଶିହରଣ
ଧରା ହୁଏ କୁସୁମିତ
ବଉଳରୁ ଝରେ ଟୋପା ଟୋପା ମହୁ
ମନକୁ କରେ ଉଚ୍ଚାଟ
ପଳାଶ ପାଦପ ହସୁଛି ଆନନ୍ଦେ
ପିନ୍ଧିଛି ନାଲିଆ ପାଟ
ଜୁଇ ଜାଇ ହେନା କରବୀର ମଲ୍ଲୀ
ବନେ ଉପବନେ ଫୁଟି
ଚଉଦିଗେ ବିସ୍ତାରି ସୁବାସ ବିତରି
ମନକୁ ନିଅନ୍ତି ଲୁଟି
ଚ୍ୟୁତ ତରୁ ଡାଳେ ସଞ୍ଜ ସକାଳରେ
କୋଇଲିର କୁହୁ ତାନ
ମିଠା ମିଠା ସୁର ଆହାକି ମଧୁର
ଉଲ୍ଲସିତ ତନୁ ମନ
ରୂପସୀ ଧରିତ୍ରୀ ରୂପର ମେଖଳା
ପାଦପରେ ରଙ୍ଗ ବୋଳି
ଶ୍ରୀ ରାଧାଗୋବିନ୍ଦ ଫଗୁଣ ମାସରେ
ଫଗୁରେ ଖେଳନ୍ତି ଦୋଳି
ପ୍ରକୃତି ରଚିଛି ଶୋଭାର ପସରା
ସତେ କେଡ଼େ ମନଲୋଭା
ନବ ବଧୂ ବେଶ ପଳାଶର ହସ
ଅଶୋକ ମଣ୍ଡିଛି ଗଭା
ବିମୁଗ୍ଧ ନେତ୍ରରେ ବସନ୍ତ ଋତୁରେ
ସ୍ୱପ୍ନ ସବୁ ସତ ହୁଏ
ଅପୂର୍ବ ଲୀଳା ଏ ପ୍ରକୃତି ରଚିଛି
ପ୍ରକୃତିର ଜୟ ଗାଏ

ବାଣପୁର,
ଖୋର୍ଦ୍ଧା

# ଫଗୁଣ ଆସିଛି

ନଳିନୀ ଦାଶ



ଫଗୁଣ ଆସିଛି ଫୁଲ ସବାରୀରେ
ହାତେ ସାତରଙ୍ଗ ଆଣି
ମଳୟ ବହୁଛି ବସନ୍ତ ହସୁଛି
ରଙ୍ଗର ମୁରୁଜ ବୁଣି।
ତୋଟା ଗହଳରୁ ଭାସି ଆସିଲାଣି
କୁହୁ କୁହୁ ମିଠା ସ୍ୱର
ଚଉଦିଗ ଧରି ବକୁଳ ମହକ
ଛୁଟାଇ ଦେଲାଣି ତା'ର।
କଳା ଭଅଁର ଓ ମଧୁମକ୍ଷିକାଟି
ଫୁଲ ପାଖୁଡ଼ାରେ ବସି
ଆନନ୍ଦ ମନରେ ଗୁଣୁଗୁଣୁ ହୋଇ
ମହୁକୁ ନେଲେଣି ଶୋଷି।
ମୃଦୁ ମୃଦୁ ମନ୍ଦ ମଳୟ ବହୁଛି
ଗଛରେ କଁଅଳ ପତ୍ର
ବିବିଧ ଫୁଲରେ ଧରାଟି ହସୁଛି
ଦିଶୁଛି ଭାରି ଶୋଭିତ।
ଛିଟ ପ୍ରଜାପତି ଫୁଲରୁ ଫୁଲକୁ
ଆନନ୍ଦରେ ଉଡିଲେଣି
ମହୁଲ ବଣରୁ ମିଠା ବାସ୍ନା ଆସି
ଧରାଟି ମହକିଲାଣି।
ବାଉଁଶ କୁଞ୍ଜରୁ ଡ଼ାକଇ ଡାହୁକ
ହଳଦୀବସନ୍ତ ତାଳେ
କୋଇଲି ଗାଉଛି ମଧୁର ସଙ୍ଗୀତ
ସ୍ୱର ଲୟ ତାଳେ ତାଳେ।
ପଳାଶ ଅଶୋକ କୃଷ୍ଣଚୂଡ଼ା ଫୁଟେ
ଫଗୁଣର ଛୁଆଁ ପାଇ
ରଙ୍ଗ ବେରଙ୍ଗର ପକ୍ଷୀ ଉଡିଲେଣି
ମଧୁର ସଙ୍ଗୀତ ଗାଇ।
ଫଗୁଣ ମାସରେ ପ୍ରଭୁ ଶିବଙ୍କର
ହୁଅଇ ଜାଗର ଯାତ
ଭକତି ଚିତ୍ତରେ ମାନସିକ କରି
ପୂଜି ଥାଆନ୍ତି ଭକତ।
ଫଗୁ ଦଶମୀ ଓ ଦୋଳ ପୁନେଇଁରେ
ବିମାନେ ରାଧାମାଧବ
ଚାଚେରୀ ଭୋଗରେ ପୂଜା ପାଇଥା'ନ୍ତି
ଏଇତ ଆମ ଗରବ।

ଭିକାରିପଡା, ଶରଣକୁଳ,
ନୟାଗଡ଼



# ଫଗୁଣର ଆଗମନେ

ଅଳକା ଦାସ

ଋତୁରାଜ ବସନ୍ତର ଶୁଭ ଆଗମନେ,
ହସି ଉଠେ ଧରା ଆଉ ବନେ ଉପବନେ।
ଫୁଲର ସମ୍ଭାର ଆଜି ଚଉଦିଗ ସାରା,
ସବୁଜ ଶାଢ଼ୀରେ ସୁଶୋଭିତା ଏଇ ଧରା।
ଚଉଦିଗେ ବାସ ଭରା ଫୁଲର ମହକ,
କଳି ପାଶେ ଅଳି ଆସେ ହୋଇଣ ସଅକ।
ଆମ୍ର କୁଞ୍ଜେ ପୀକ ଗାଏ ବଉଳର ବାସ,
ଶୀତ ଆଉ ନାହିଁ, ବନ୍ଧା ହେଲା ଶୀତବାସ।
ଗାଁ ମୁଣ୍ଡେ ହସି ଉଠେ ମେଳଣ ପଡିଆ,
ଦୋଳରେ ଦୋଳଗୋବିନ୍ଦ ଦିଶିବେ ବଢ଼ିଆ।
ରଙ୍ଗର ଅବିର ବୋଳି କୃଷ୍ଣଚୂଡ଼ା ହସେ,
ଦୋଳଯାତେ ଗାଁ କି ଅପୂର୍ବ ଶୋଭା ଦିଶେ।
ଝିଅ ଯାଏ ଶାଶୂଘର ସବାରୀରେ ବସି,
ନଈ ବନ୍ଧ ତୋଟା ଦେଇ ସ୍ମୃତି ବିଞ୍ଛି ବିଞ୍ଛି।
ନଈ ପୋଖରୀରେ ଶୋଭା କାଚକେନ୍ଦୁ ପାଣି,
ମୁହଁ ପୋତି ହସେ କଇଁ ଓଢ଼ଣୀକୁ ଟାଣି।
ହସଇ ଜନମାନସ ମନେ ନାହିଁ, 'କିନ୍ତୁ',
ସଭିଙ୍କ ପସନ୍ଦ ଏ ଫଗୁଣର ଋତୁ।

ଖୋର୍ଦ୍ଧା



# ଫଗୁଣ ଫଗୁଣ ବାସେ

ନଳିନୀ ପ୍ରଭା ଦାସ

ବସନ୍ତ ଆଗତେ ନବ କିସଲୟେ ବୃକ୍ଷରାଜି ସୁଶୋଭିତ
ପଥପ୍ରାନ୍ତ ବୃକ୍ଷ ପର୍ବତ ପାଦପ ନାନା ରଙ୍ଗେ ରଙ୍ଗାୟିତ।
ପଥପ୍ରାନ୍ତ ଧାରେ ଆଗତ ପଥିକ ଦେଖନ୍ତି ପ୍ରକୃତି ଶୋଭା
ମନମୁଗ୍ଧକର ହୃଦରେ ଆନନ୍ଦ ଦୃଶ୍ୟ କେଡ଼େ ମନଲୋଭା।
ପାଦପ ପଳାଶ ଲୋହିତ ପୁଷ୍ପରେ ଧରା ହୁଏ ବିମଣ୍ଡିତା
ଝୁମ୍ପା ଝୁମ୍ପା ପୁଷ୍ପ ବୃନ୍ତେ ଝୁଲୁଥାଇ ବାଡ଼ରେ ମାଳତୀ ଲତା।
ନାଲି ଓଢଣୀକୁ ଟାଣି ଧୀରେ ଧୀରେ ଆସେ କୃଷ୍ଣଚୂଡା ଲାଜେ
ଗଭାକୁ ସଜାଇ ଆସେ ଯୁଇ ଜାଇ ମାଧବୀ ଓ ମଲ୍ଲୀ ମଜେ।
ଶିମିଳି ବିଛାଏ ଫୁଲର ଗାଲିଚା କରବୀର ଚାମରଇ
ଅତର ପରାଏ ସୁମନ ସୁବାସ ଚଉଦିଗେ ମହକଇ।
ଗୁଣୁଗୁଣୁ ଗାନେ ଆଶା ମଧୁପାନେ ମଧୁପ କରେ ଗୁଞ୍ଜନ
କବି ଲେଖକଙ୍କ ହୃଦେ ଆଲୋଡ଼ନ ସୃଷ୍ଟି ଶବ୍ଦ ଗୁଞ୍ଜରଣ।
ଆମ୍ର କୁଞ୍ଜେ ଲୁଚି ପତର ଗହଳେ ପଞ୍ଚମ ରାଗର ସୁରେ
କାକ ରଙ୍ଗ ସିନା ତନୁଟି ତାହାର ପିକ ଗାଏ ସୁମଧୁରେ।
କଣ୍ଠ ସୁମଧୁର କୁହୂ କୁହୂ ତା'ର ରାବଟି ଅତି ମଧୁର
ଶ୍ରବଣେ ପଡ଼ନ୍ତେ ମନ ଚାଲିଯାଏ ଶବ୍ଦ ଥାଏ ଯେତେ ଦୂର।
ଦୋଳ ବିମାନରେ ଦୋଳଗୋବିନ୍ଦଙ୍କ ସାଥେ ପ୍ରାଣପ୍ରିୟା ରାଧା
ଗୋପାଳଙ୍କୁ କାନ୍ଧେ ଗୋପାଳେ ବୁଲାନ୍ତି ଲାଗୁ ପଛେ ପାଦେ ବାଧା।
କଷି ଆମ୍ବ ପେନ୍ଥା ବିମାନେ ଝୁଲଇ ଗୋପାଳେ ଗାଆନ୍ତି ଗୀତ
ହାକୁମ୍ ଧାବଲ ହାକୁମ୍ ଧାବଲ ବିମାନେ ରାଧା ଗୋବିନ୍ଦ।
କୁହୁରୁ କୁହୁରୁ ରାବେ ଉଡ଼ି ଆସେ ପକ୍ଷୀ ହଳଦୀ ବସନ୍ତ
ମାଘ ଅନ୍ତେ ଶୀତ ବିଦାୟ ନିଅଇ ପ୍ରବେଶେ ଋତୁ ବସନ୍ତ।
ପତ୍ର ପୁଷ୍ପ ଭାରେ ବୃକ୍ଷଟି ସୁନ୍ଦର ଧରା ବି ସୁନ୍ଦର ଦିଶେ।
ଆମ୍ବ ବଉଳିଲେ ବଉଳ ବାସରେ ଫଗୁଣ ଫଗୁଣ ବାସେ।

କଲମପୁର,
କଳାହାଣ୍ଡି

# ଫଗୁଣ ଆସିଛି ଦେଖରେ ମିତ

ପ୍ରଶାନ୍ତ କୁମାର ଦାଶ



ଶୁଭିଲାଣି ଏବେ ରଙ୍ଗ ବେରଙ୍ଗର
ପକ୍ଷୀଙ୍କର ମିଠାଗୀତ
ଫୁଲଫଳ ଆଣି ଆସିଛି ଫଗୁଣ
ଚାହିଁଦେଖ ଥରେ ମିତ ॥

ଦୁଃଖ ହେବ ଇତି କେତେ ସୁଖ ଶାନ୍ତି
ଫଗୁଣ ଯେ ବାଣ୍ଟିଦେବ
ଗାଆଁ ସହରରେ ମେଳଣ ଯାତରା
ଭୋଜିଭାତ କେତେ ହେବ ॥

ଗାଆଁ ନଈଘାଟ ବିଲ ବଣ ପାଟ
ଅଙ୍କାବଙ୍କା ସବୁ ବାଟ
ବାଟ ଦୁଇଧାରେ ଗଛର ଡାଳରେ
ବସିଛି ଫୁଲର ହାଟ ॥

ସରସା ଦୋରସା କ୍ଷେତରେ ଫସଲ
ଚାରା ରୋପି ଚାଷୀଭାଇ
ଗଛ ଛାଇ ତଳେ ମାରୁଛି ସେ ଥକା
ଗୀତ ଦୁଇପଦ ଗାଇ ॥

କୁଆଁରୀ କନିଆଁ ସଜ ହେଉଅଛି
ଯିବ ତା'ର ଶାଶୂଘର
ବିଚ୍ଛେଦ ବିରହ ଆଶଙ୍କାରେ ବୋଉ
ଢାଳିଦିଏ ଲୁହଧାର ॥

ଫଗୁଣ ଆସିଛି ପ୍ରକୃତି ବାଣ୍ଟୁଛି
ଦୁନିଆକୁ ଉପହାର
ଛାଇ ଲେଉଟାଣି ବେଳେ ଗାଈଆଳ
ବଇଁଶୀ ବଜାଏ ତା'ର ॥

ଫୁଲ ଫଗୁଣର ଅପରୂପ ଶୋଭା
ଦେଖ ଆସି ଥରେ ମିତ
ଆସିଛି ଫଗୁଣ ବାସୁଛି କୁସୁମ
ମେଲାଣି ନେଇଚି ଶୀତ ॥

କୁଞ୍ଜର, ସଙ୍ଗଲାଇ,
ପିପିଲି, ପୁରୀ

# ଫଗୁଣ ସମ୍ଭାର

**ଆରତି ମଞ୍ଜରୀ ଦାଶ**



ଥିରି ଥିରି ଥିରି ପତର ଝରାଇ
ଶୀତ ଫେରିଗଲା ମନଦୁଃଖେ
ସିରି ସିରି ସିରି ପୁଲକ ଝରାଇ
ମଳୟ ବହିଲା ବିପରୀତେ।
ଦିବସ ସମୃଦ୍ଧି ଅବଗତେ ହେଲେ
ରଥାଙ୍ଗ ଦମ୍ପତି ମହା ସୁଖୀ
ବନକାନ୍ତି ହେରି ସହି କି ନପାରି
କ୍ଷୀଣାଙ୍ଗୀ ତଟିନୀ ହେଲା ଦୁଃଖୀ।
ଧିମି ଧିମି ଧିମି ମହକ ଝରାଇ
ବକୁଳ ଦୋଳନ୍ତେ ଚୂତ ଶାଖେ
ପଞ୍ଚମ ଆଳାପେ କୁହୁ କୁହୁ ରୋଳେ
ଡାକିଲା କୋଇଲି ମନ ସୁଖେ।
ମହ ମହ ମହ ଅପୂର୍ବ ଅତର
ସୁଗନ୍ଧ କେ ଦିଏ ବିତରି
ସହକାର ପୁରେ ମଧୁପ ସଙ୍ଗୀତେ
ଶୁଭ ଗୀତି ଉଠେ ଗୁଞ୍ଜରି।
ଚମ୍ପକ ଲାବଣ୍ୟ ସୁରଭି କ୍ଷରଣେ
ଅନଙ୍ଗ ଅର୍ଚ୍ଚନା  ମଧୁମୟ
ପରଭୃତ ଗାନେ କୁସୁମ କମାଣେ
ଧରା ହେଲା ଆହା ମୋହମୟ।

ପରବ ମୁଖର ଫଗୁଣ ସମ୍ଭାର
ମଦନ ମୋହନ ଲୀଳା କିନା
ଅବିର ମଖା ଯେ ଅବନୀ ସୁନ୍ଦର
ସୁଖଦାୟୀ ପ୍ରଭୁ ପ୍ରେମେ ସିନା।
ବନେ ଉପବନେ ଫୁଲ ସମାବେଶ
ମଧୁ ବସନ୍ତ ର ହସନ୍ତ ଶୋଭା
ପ୍ରାଣେ ପ୍ରାଣେ ଜାଗେ ନବ ଉନ୍ମାଦନା
ଭୁବନ ମୋହନ ପ୍ରଭୁଙ୍କ ଆଭା।
ରଙ୍ଗ ପିଚକାରୀ ଚାଚେରୀ ଭୋଗେ
ଚଣା ମୁଠି ଆମ୍ବ ଗୁଡଖଜା
ଆମ୍ବ ତରଭୁଜ ଶାକର ଖଣ୍ଡେ ଯେ
ପନିର ନବାତ ପଣା ଖଞ୍ଜା ।
ଲବଙ୍ଗ ଇଳଚ ଜାଇଫଳ ସଙ୍ଗେ
ଲୋଡା ଛାଚି ପାନ ମୁଖବାସ
କଳେ ଭରି କିବା ବସନ୍ତ ବିମାନେ
ରାଜିଲେ ଗୋବିନ୍ଦ ରାଈ ପାଶ
ଆଲଟ ବ୍ୟଜନ ସୁଗନ୍ଧି ସିଞ୍ଚନେ
ଶୀତଳ ଶ୍ରୀଅଙ୍ଗ ବେଶ ବାସ
ଜୁହାରି ଯୁଗଳେ ଭକତ ସକଳେ
ମୁଞ୍ଚନ୍ତି ମନରୁ ଭୀତି ତ୍ରାସ ।

**ଗୁରୁଜଙ୍ଗ,**
**ଖୋରଧା**



# ଫଗୁଣ

ବିଷ୍ଣୁପ୍ରିୟା ପ୍ରତାପସିଂହ

ବିଦାୟୀ ସଂଗୀତ ଗାଉଛି ଯେ ଶୀତ
ବେଦନାକ୍ତ  ହୃଦୟରେ
ଆସୁଛି ବସନ୍ତ ହସୁଛି ମରତ
ମନେ ଉନ୍ମାଦନା ଭରେ।
ମୃଦୁ୍ୟମଳୟର ଥିରିଥିରି ହସେ
ହସୁଛି ବସୁଧା ମାଆ
ପ୍ରକୃତିରାଣୀର ରୂପ ଯଉବନ
କେଡେ ମନଲୋଭା ଆହା।
ଆମ୍ବ ବଉଳର ଭୁରୁଭୁରୁ ବାସ୍ନା
ମହକଇ ପଲ୍ଲୀଭୂଇଁ
କୋକିଳର ସେହି କୁହୁକୁହୁ ତାନ
ପୁଲକ ସୃଷ୍ଟି କରଇ।
ନବ ପଲ୍ଲବରେ ପଲ୍ଲବିତ ହୋଇ
ହସୁଥାଏ ବୃକ୍ଷରାଜି
ଅପରୂପ ତା'ର ଶୋଭାର ଭଣ୍ଡାର
ମନକୁ ନିଅଇ ଜିଣି।

ଶିମିଳି ପଳାଶ ଚମ୍ପା କନିଅର
କୁସୁମର ଆଭା ଧରି
ଖଜୁରୀ ଜାମୁ ଆମ୍ବବଉଳରେ
ବସନ୍ତର ସ୍ୱର୍ଣ ଭରି।
ଜାଗର ହୋଲି ଆଉ ଦୋଳ ମେଳଣ
ପାଖେଇ ଯେ ଆସିଲାଣି
ମହୁଲ ଫୁଲର ମହମହ ବାସେ
ସଭିଏଁ ହଜି ଗଲେଣି।
ଦୋଳବେଦୀ ପରେ ରାଇଦାମୋଦର
ବୁଲିଥା'ନ୍ତି ଗାଆଁ ଗାଆଁ
ଫଗୁଣର ସେହି ଫଗୁ ଅବିରରେ
ସମସ୍ତେ ହୁଅନ୍ତି ବାଇଆ।
ପ୍ରେମରଙ୍ଗ ମାଖି ଗୋବିନ୍ଦ ଗୋପାଳ
ରାଇ ସଂଗେ ଯା'ନ୍ତି  ମାତି
ଧରାରୁ ଫଗୁଣ ବିଦାୟ ନିଅଇ
ରଖି ତା'ର ବହୁ ଖ୍ୟାତି।

ଗୋବର୍ଦ୍ଧନପୁର, ଭୂଷଣ୍ଡପୁର
ଖୋର୍ଦ୍ଧା

# ଫଗୁଣ ଫଗୁଣ

ବିଶ୍ୱନାଥ କର

ପଉଷ ପାହାନ୍ତିର କୁହୁଡ଼ି ଓଢ଼ଣା ତଳେ
ଅବଗୁଣ୍ଠନବତୀ ସାଜି ସାରିଲାଣି
ଶୀତର ଗଜଲ ଗାଉଥିବା ଜହ୍ନ
ମୁହଁ ଲୁଚେଇ ଲାଜ ଲାଜ ହସ ନେଇ
ଅପେକ୍ଷା କରି ବସନ୍ତର ରାସ
କୋଇଲି ବି ସଜ ହେଲାଣି
ଗାଇବ ବୋଲି ମଧୁମାଳତୀର ଗୀତ।

ଅମାନିଆ କବିର କଲମରେ
ଫୁଲ ସବୁ ଫୁଟିବାର ଇଚ୍ଛା
ଋତୁରାଜ ବି ସଜାଡ଼ି ନେଲାଣି ଫୁଲଶର
ନିରଙ୍କୁଶ ରାଜୁତି ପାଇଁ
ସ୍ୱପ୍ନର ଡେଣାର ସିଂହାସନାରୁଢ ହୋଇ
ମଲ୍ଲି ପାଖୁଡ଼ାରୁ ସୁରା ପିଇ ମାତାଲ ହୋଇ।

ବଉଳ ବଉଳ ବାସିଲାଣି ଗାଁ ଆମ୍ବତୋଟା
ଝରାମହୁରେ ଭିଜିଗଲାଣି
ରଙ୍ଗ ବଦଳାଉଥିବା ଶତ କଦମ୍ବର ରୋମାଞ୍ଚ
ଫୁଲ ଫୁଟିବ ଫୁଟିବ ହେଉଛି ଅଶୋକ ବୃନ୍ତ
ନିଜ ସହ ନିଜେ ଭେଟିବାକୁ ଏକାକୀ ଏକାକୀ
ଅଝଟ ଯାଯାବର ମନ
ଏକ ସମ୍ମୋହିତ ଦୁନିଆଁର ଛାୟାଲୋକେ ମାୟାଲୋକେ
ବୃଉଚିତ୍ର ଉପବନେ ଲେଖିବାକୁ ନୀଳ ଗଗନର ନାଁ।

ରଫ୍ ଖାତାରେ ଚିତ୍ର ଆଙ୍କୁ ଆଙ୍କୁ
ଚିତ୍ରରେ କବିତା ଲେଖୁ ଲେଖୁ
ଏକ ବରାଦିଆ କବିତା
ଥର ଥର ଓଠରେ କିଏ ଛୁଏଁ ଆକାଶର ଓଠ
ଅଳସୀ ସଞ୍ଚାର ଦଲକାଏ ପବନରେ
ଗାଇ ଗାଇ ଗୀତ ।

ପଉଷ ପାହାନ୍ତିର ସୁଲୁ ସୁଲିଆ ପବନେ
ପହଡ଼ ପକେଇ ଦେଲାଣି ଫୁଲେଇ ଜହ୍ନ
ଖୋଜି ଖୋଜି ନିଜେ ହଜେଇ ଦେଇଥିବା ଠିକଣା
ଭିଜିବ ବୋଲି
ଫଗୁଣର ମଦିରା ନିଶାର ସବୁଜ ମାୟାରେ
ଚୁପି ଚୁପି ଲାଜେ ଫଗୁଣ ଆରମ୍ଭିବ ରାସ
ଚଢ଼ାଇବ ଫୁଲଶରରେ ଗୁଣ
ବାସୁଥିବ ପବନ ଫଗୁଣ ଫଗୁଣ।

ସାଇ କଲୋନୀ ,ଦେଉଳସାହି,
ତୁଳସୀପୁର , କଟକ

# ମାସ ଶ୍ରେଷ୍ଠ ଫଗୁଣ

ସୁରାତ୍ରୀ ପ୍ରଧାନ

ମାଘ ଚାଲିଗଲା    ଶୀତ ସବାରୀରେ
ଫଗୁଣ ହେଲା ପ୍ରବେଶ
ମଳୟ ପବନେ    ମନ ଶିହରଣ
ସୁଶୀତଳ ଦଶ ଦିଶ।
ଜୀର୍ଣ୍ଣବସ୍ତ୍ର ଅଙ୍ଗୁ    ତେଜି ତରୁଲତା
ନବ ପଲ୍ଲବ ପିନ୍ଧିଣ
କେତକୀ ମାଳତୀ    ଶେଫାଳି ସେବତୀ
ଋତୁରାଜାଙ୍କୁ ବରଣ।
ଆମ୍ବର ବଉଳ    କୁମ୍ଭାଟୁଆ ରୋଳ
ମହୁଲ ଫୁଲର ବାସ
କୋଇଲିର ସ୍ୱର    ପଞ୍ଚମ ରନ୍ଧ୍ରରେ
ସଭିଙ୍କ ମନ ହରଷ।
ପ୍ରୀତି ପାରାବାରେ    ପୀରତି ପସରା
ଘରେ ଘରେ ରତୀ ଯାଇ
ମଦନ ଅନଳେ    ଝାସ ଦେବାପାଇଁ
ପ୍ରେମିକ ପ୍ରେମିକା ବାଇ।
ମଳୟ ଚନ୍ଦନ    ହୃଦେ ପ୍ରଲେପନ
ମତେ ମତୁଆଲା ହୋଇ
ପ୍ରଣୟ ପତର    ଲେଖି ଆରମ୍ଭନ୍ତି
ନିରୋଳା ପ୍ରକୋଷ୍ଠ ଯାଇ।

ଉଜାଗର ରହି    ପ୍ରଦୀପ ଜଳାଇ
ଦେଖି ହରିହର ଭେଟ
ଭକ୍ତି ଭାବେ ତୃପ୍ତି    କରି ହେବେ ମୁକ୍ତି
ଭକ୍ତଙ୍କ ମନ ଉଚ୍ଚାଟ।
ଦୋଳରେ ମେଳଣ    ପାରିପାଟି ଜନ
ବିମାନରେ ନନ୍ଦବଳା
କି ଅପୂର୍ବ ଆହା    ଅବିରର ଖେଳ
ସଭିଙ୍କର ମୁଣ୍ଡେ ବୋଳା।
ଲଉଡ଼ି ଖେଳକୁ    ଗୋପାଳ ଓଗାଳ
ଫଗୁଣରେ ଫଗୁ ଖେଳ
ଦୋଳଗୋବିନ୍ଦଙ୍କୁ    ବିମାନେ ଦର୍ଶନ
କୋଟି ପୁଣ୍ୟର ସେ ଫଳ।
ହୋଲିର ପରବ    ରଙ୍ଗର ପସରା
ଧରି ହାତେ ପିଚକାରୀ
ମାସ ମଧ୍ୟେ ଶ୍ରେଷ୍ଠ    ଫଗୁଣ ଅଟଇ
ନାଶ କରି ଥାଏ ଅରି।

କୁସୁପୁର, ଗୋପ,
ପୁରୀ

# ଫଗୁଣ ପାଖରେ କେବେ

ସର୍ବାଣୀ ଦାସ

ଫଗୁଣ ପାଖରେ କରିନି ମୁଁ ଅଳି
ରଙ୍ଗ ଟିକକ ପାଇଁ
ଚାରିପାଖେ ମୋ'ର ନାଚୁଛି ଫଗୁଣ
ପ୍ରୀତିଭରା ଗୀତ ଗାଇ ।୦।

ବିଭୋର ବେଳାରେ ବତୁରିଯାଏ ମୋ
ସାଇତା ସପନ କେତେ
ଭାରୀ ରଂଗହୀନ ଲାଗେ ଏ ଫଗୁଣ
ବୋଳି ହେଲେ ରଙ୍ଗ ଯେତେ
ନିଜନେ ଏକାକୀ ବସି ମୁଁ ଭାବୁଛି
ଲୁହ ଝରେ କାହା ପାଇଁ।୧।

ବୁକୁରେ ଭରିଛି ଅସରାଏ କୋହ
ତଥାପି, ଖୋଲେନି ପାଟି
ହୃଦୟକି ମୋର ପାନ୍ଥଶାଳା କୁହ
ମନ କିବା ଖଟିମାଟି
କୃଷ୍ଣଚୂଡ଼ାର ଲାଲିମା ଭିତରେ
ହଜିଯାଏ କାହା ଛାଇ।୨।

ପଥୁରିଆ ସାହି, ପଣ୍ଡିତ ମଠ (ନିକଟ)
ପୁରୀ



# ଫଗୁଣ ଆସିଛି

କମଳିନୀ ମଲ୍ଲିକ

ଏବେ ଏବେ ମୋ' ଗାଆଁକୁ
ଫଗୁଣ ଆସିଛି
ଝରାପତ୍ରର ମର୍ମରରେ
ବେଦନାର ବେସୁରା ରାଗିଣୀ
ନିର୍ଜନତାକୁ ଚହଲାଇ ଦେଉଛି
କୋଇଲିର କୁହୁରେ
ପ୍ରେମର ମୂର୍ଚ୍ଛନା ଭରିଛି
ମଧୁମାଳତୀର ନିବିଡ ବନ୍ଧନରେ
ଲାଜ ଲାଜ ଗୋପନ ଇଶାରା
ଭାରି ଆନମନା କରୁଛି
କାହିଁକି କେଜାଣି
ଆଜିକାଲି ତୁମ କଥା
ଭାରି ମନେ ପଡୁଛି ।।

ଆସିବ କି ପ୍ରିୟତମ
ଆମ୍ବତୋଟା ଗହଳ ଛାଇ ତଳେ
ଟିକେ ନିଦେଇ ଯିବା
ନଈକୂଳିଆ ଉତ୍ତଳା ପବନରେ
ଦେହ ଦହନର ଯେତେ
ସଞ୍ଚିତ ଉତ୍ତାପ ପୋଛି ଦେବା
ଜହ୍ନରାତିର ଅଗଣାରେ ବସି
ନୂଆ କିଛି ସ୍ୱପ୍ନ ସଜାଡ଼ିବା,
ଅବିରର ସାତରଙ୍ଗରେ
ଆମ ଅଧା ଥିବା କାହାଣୀକୁ
ହୃଦୟର ଭାବ ଓ ଆବେଗ ଭରି
ବାକି ଥିବା ଆୟୁଷ ଯାଏ
ଲେଖି ଚାଲୁଥିବା
ଫେରି ଆସ ପ୍ରିୟତମ
ତୁମ ଉତ୍ତପ୍ତ ସହରରୁ
ମୋ' ଗାଁ ଫଗୁଣର ଫୁଲ ବଗିଚାରେ
ଜୀବନର ରଙ୍ଗ ଓ ରସକୁ ଭୋଗିବା ।।

ଭୁବନେଶ୍ୱର

# ଆସିଛି ବସନ୍ତ ଦେଖ

ସୁମିତା ବେହେରା ବାପି



ଆସିଛି ବସନ୍ତ ଦେଖ
ମଳୟ ଛୁଆଁରେ
ଆନମନା ମନ ମୋ'ର
ପ୍ରୀତି ଫଗୁଣରେ।(୦)

ଆସ ଆସ ପ୍ରିୟତମ
ସୁରଭିତ ଫୁଲବନ
ଛୁଇଁ ଛୁଇଁ ଯାଅ ଗୋ ପ୍ରୀତିରେ
ପ୍ରଜାପତି ମନ ତୁମ
ତଥାପି ଭରସା ମୋ'ର
ଫୁଲମତୀ ତୁମ ପ୍ରତୀକ୍ଷାରେ....
ଆସିଛି ବସନ୍ତ ଦେଖ..........(୧)

ପଳାଶେ ଲାଗିଛି ନିଆଁ
କୁଞ୍ଜରେ ମଦନ ଛୁଆଁ
ମନ ମୋ'ର ଝୁମି ଝୁମି ଯାଏରେ
ମାନ ତେଜ ମଧୁମତୀ
ଏ ଋତୁ ନଯାଉ ବିତି
ମନେ ଭର ପ୍ରୀତି ପୁଲକରେ....
ଆସିଛି ବସନ୍ତ ଦେଖ.....(୨)

ଭୁବନେଶ୍ୱର

# ଫଗୁଣର ଫଗୁ ନେସି ହୋଇଗଲା

ଡାରାପ୍ରସାଦ ଜେନା



ଫଗୁଣର ଫଗୁ ନେସି ହୋଇଗଲା
ଦେହରେ ନୁହେଁ ତ ଖାଲି
ମନ ରଙ୍ଗେଇକି ରସାଇଲା ଏତେ
ଜମାରୁ ପାରୁନି ଭୁଲି
.....ଫଗୁଣର ଫଗୁ ନେସି ହୋଇଗଲା.... ! ୦ !

କୋଇଲିଟା ଦେଖି କୁହୁକୁହୁ କଲା
ବଉଳ ଧରିଛି ଚଣା
ସଫା ଜହ୍ନ ଉଇଁ କଇଁ ମୋହିଦେଲା
ପ୍ରେମଟା ପଡ଼ିଲା ଜଣା,
ଫୁଲେ ଫୁଲେ ବାସ ଚହଟିଲା ଦିଗ
ଶୁଣୁଛୁ ଭଅଁର ବୋଲି
.....ଫଗୁଣର ଫଗୁ ନେସି ହୋଇଗଲା.... ! ୧ !

କଅଁଳିଆ ଖରା ସୁଲୁସୁଲୁ ବାଆ
ଛାତିରେ ବିରହ ନିଆଁ
ସପନର ଆଖି ପରୀରାଣୀ ସତେ
ଧରିଲେ ମାରୁଛି ଡିଆଁ,
ଆନମନା ନୁହେଁ ସମୟର ଦୋଳି
ଉଭୟ ଖେଳୁଛୁ ଝୁଲି
.....ଫଗୁଣର ଫଗୁ ନେସି ହୋଇଗଲା.... ! ୨ !

ଭାବ ଦୁନିଆରେ ଆପଣାର ଘର
ମାୟାର ମଣିଷ ଯୋଗ୍ୟ
ଓଠ କାଗଜରେ ଅନ୍ତରଙ୍ଗ କାବ୍ୟ
କବିକୁ ମିଳିଛି ଭାଗ୍ୟ,
କା'ର ଇସାରାରେ କିଏ ମୋହଗ୍ରସ୍ତ
ଭାବନା ସରୁନି ହାଲି
.....ଫଗୁଣର ଫଗୁ ନେସି ହୋଇଗଲା.... ! ୩ !

ରଣପୁର (ଗୋଡ଼ିପାଟଣା ସାହି),
ରାଜ ରଣପୁର,
ନୟାଗଡ଼



# ଫଗୁଣ

**ସ୍ୱପ୍ନାରାଣୀ ପାଣିଗ୍ରାହୀ**

ମୃଦୁ ପଦପାତେ ଅବତରି ଆସେ
ଫଗୁ ବୁଣି ବୁଣି ଫଗୁଣ ମାସ ।
ରୂପ ତୂଳିକାରେ ଛବିଳ ରଙ୍ଗରେ
ପ୍ରକୃତିକୁ ଦିଏ ସେ ଜୀବନ୍ୟାସ ।।

ଅଭିନବ ସୌନ୍ଦର୍ଯ୍ୟର ସମ୍ଭାରରେ
ମଧୁଗର୍ଭା ମହୀ ପ୍ରାଣେ ପୁଲକ ।
ଉର୍ଦ୍ଧ୍ୱେ ନିରିମଳ ନିର୍ମେଘ ଆକାଶ
ନିମ୍ନେ ସ୍ୱଚ୍ଛନ୍ଦରେ ଜୀବ ଉନ୍ମୁଖ ।।

ପୁଷ୍ପିତ ପାଦପେ ଉନ୍ମତ୍ତ ଭ୍ରମର
ମଧୁଲୋଭେ କରେ ମଧୁଗୁଞ୍ଜନ ।
ପୁଷ୍କରିଣୀ ଶୋଭା କରେ ଆନମନା
ଶ୍ରେଣୀବଦ୍ଧ ହଂସଙ୍କ ସନ୍ତରଣ ।।

ବୃକ୍ଷରାଜୀ ଡାଳେ ନବ କିଶଳୟ
ପ୍ରସ୍ଫୁଟିତ ପୁଷ୍ପ ଧୀର ସମୀରେ ।
ସୁଗନ୍ଧ ସୁରଭି ମହକାଉ ଥାଏ
ଉଚ୍ଛୁଳା ଆନନ୍ଦ ମନ ପ୍ରାଣରେ ।।

ଆମ୍ରକୁଞ୍ଜୁ ଶୁଭେ ପଞ୍ଚମ ତାନ ଯେ
ମଧୁଶ୍ରାବୀ କୋକିଳର କଣ୍ଠରୁ ।
ଚଞ୍ଚଳ ମନରେ ଭରେ ମାଦକତା
ଅପସରେ କର୍ମକ୍ଳାନ୍ତ ଶରୀରୁ ।।

ବାସଙ୍ଗ, ମାଧବୀ, ଅଶୋକ, କାଞ୍ଚନ
ଚମ୍ପକ ପୁଷ୍ପରେ ବୃକ୍ଷ ମଣ୍ଡିତ ।
ଫୁଲ ଉତ୍ସବରେ ଫୁଲେଇ ଫଗୁଣ
ଆମୋଦିତ କରେ ସବୁରି ଚିତ୍ତ ।।

ନବ ରଙ୍ଗେ ରଙ୍ଗାୟିତ ଏ ଫଗୁଣ
ରଙ୍ଗମହଲ ଯେ ପ୍ରକୃତି ଅଙ୍ଗେ ।
ରଙ୍ଗକାର ପ୍ରଭୁ ଏ ରଙ୍ଗମଞ୍ଚକୁ
ସତେ ଆଙ୍କିଛନ୍ତି ରଙ୍ଗବେରଙ୍ଗେ ।।

ଆବେଗ ଅନ୍ତରେ ରାତ୍ରି ଉଜାଗରେ
ଦୀପ ଜାଳେ ନର ଶିବରାତ୍ରୀରେ ।
ନିରଶନ ବ୍ରତ ନୀରାଜନା ବିଧି
ଅଭୀଷ୍ଟ କାମନା ପୂର୍ଣ୍ଣ ଆଶାରେ ।।

ପରମ ଆରାଧ୍ୟ ପ୍ରେମମୟ ପ୍ରଭୁ
ସୁସଜ୍ଜିତ ଦୋଳବିମାନେ ଶୋଭା ।
ଆଲଟ, ଚାମର, ଛତ୍ରୀ, ତରାସରେ
ଅଭିଯାନ ସତେ କି ମନଲୋଭା ।।

ଅବିରରେ ରଙ୍ଗକ୍ରୀଡା ହୋଲି ପର୍ବେ
କେତେ ଉନ୍ମାଦନା ପୁରପଲ୍ଲୀରେ
ମନର ରଙ୍ଗରେ ରଙ୍ଗାଇ ପ୍ରଭୁଙ୍କୁ
ଚରଣେ ଶରଣ ସମର୍ପଣରେ ।।

**ମୁକୁନ୍ଦପ୍ରସାଦ,**
**ଖୋର୍ଦ୍ଧା**

# ଫଗୁଣର ଫଲ୍ଗୁ

ସସ୍ମିତା ବାରିକ

ଋତୁରାଜ ବସନ୍ତର ତୁମେ ଅଟ ଶୀର୍ଷ,
ନୂତନତ୍ୱର ପୁଲକ ସୃଷ୍ଟି କରେ ତୁମସ୍ପର୍ଶ।
ପ୍ରକୃତିରାଣୀ ଅଭିଭୂତା ତୁମ ଆଗମନେ,
ଶ୍ୟାମଳସବୁଜୀମା ଭର ଧରା ଉପବନେ।
ଷୋଳସମ୍ଭାର ପୂଜା ଉପଚାର ଘେନି,
ରାଧାକୃଷ୍ଣପ୍ରେମେ ପ୍ଲାବିତସୁନ୍ଦର ମେଦିନୀ।
ନବପଲ୍ଲବରେ ଆଚ୍ଛାଦିତ ବୃକ୍ଷରାଜି
ଯୌବନର ଗହନଗାଥାରେ ରହିଥା'ନ୍ତି ମଜ୍ଜି।
କୋକିଳର କୁହୁତାନ ମଧୁର ମହକ,
ଧରାପୃଷ୍ଠେ ଖେଳିଯାଏ ନବୀନ ଆଲୋକ।
ରାଇଦାମୋଦର ପ୍ରେମପ୍ରଣୟର ସିନ୍ଧୁ,
ସ୍ନେହ ମମତା ଭାଇଚାରାର ବିଞ୍ଚୁଅଛି ଫଲ୍ଗୁ।
ମୃଦୁମଳୟର ବାସ ଆଜି ଯାଇଅଛି ହଜି,
ପ୍ରଚଣ୍ଡ ରୌଦ୍ରତାପେ ସନ୍ତୁଳିତ ଜୀବଜନ୍ତୁ ବୃକ୍ଷରାଜି ।
ଘନ କୁହୁଡିର ପ୍ରକୋପ ସକାଳକୁ ଗ୍ରାସେ,
ସୂର୍ଯ୍ୟଙ୍କର ଦୁର୍ବାସା ରୂପ ତା'ପରେ ପରକାଶେ।
ବିଶ୍ୱ ତାପାୟନ ଯୋଗୁଁ ପ୍ରକୃତି କ୍ରୋଧାନ୍ୱିତ,
ଋତୁଚକ୍ର ବଦଳି ଆଣିଛି ଦୈବୀ ଦୁର୍ବିପାକ।
ସଚେତନ ହୁଅ ସର୍ବେ ହେ ମାନବଜାତି,
ପ୍ରକୃତି ପ୍ରେମୀ ହୁଅ ତେଜି ସ୍ୱାର୍ଥବାଦୀ ନୀତି।
ଫଗୁଣକୁ ଦୁଇଗୁଣ କରିବା ଆମର ଦାୟିତ୍ୱ,
ଋତୁଚକ୍ର ଫେରିବ ନିଶ୍ଚେ ରଖି ତା' ମହତ।
ବୃକ୍ଷଲତା, ଜୀବଜନ୍ତୁ ସଭିଏଁ ଧରାର,
ପ୍ରକୃତିରାଣୀ ହସିବ ଆମେ ହୋଇଲେ ସତ୍ୱର।
ବିଚାର ବୁଦ୍ଧି ସମ୍ପନ୍ନ ମାନବ ଉତ୍କୃଷ୍ଟ,
ପରିବେଶ ସଜାଡିବା ଫଗୁଣର ଫଲ୍ଗୁ କରି ଦ୍ୱିଗୁଣିତ।

ବୋଲଗଡ,
ଖୋର୍ଦ୍ଧା

# ଫଗୁଣ

ମିନତି ଶତପଥୀ

ଆମ୍ରକୁଞ୍ଜ ତଳୁ ଭାସି ଆସିଲାଣି
କୋଇଲିର କୁହୁ ତାନ ।
ନାନାଯାତି ଫୁଲ ଫୁଟି ଦୋଳିଲେଣି
ହସେ ବନ ଉପବନ ।।
ପରଜାପତିଟା ଭାରି ଅମାନିଆ
ଛୁଇଁଦେଇ ଚାଲିଯାଏ ।
ଭ୍ରମର ବାପୁଡ଼ା ଫୁଲ ପାଶେ କାହିଁ
ଗୁଣୁଗୁଣୁ ହେଉ ଥାଏ ?
ଆକାଶର ଛାତି ଚିରିଦେଇ କିଆଁ
କିରି କିରି ହସେ ଜହ୍ନ ।
କିଏ ସେ ଆସୁଛି ଏଇ ଧରା ପରେ
କାହାର ଏ ଆଗମନ ?
ଚଉଦିଗେ ବୁଣି ରଙ୍ଗ ଅବିର
ଧରା ରଙ୍ଗାୟିତ କରି ।
ପ୍ରେମୀଯୁଗଳଙ୍କ ମନେ ଉଦବେଳନ
କିଏ ସେ ଦେଇଛି ଭରି ।।
ଦୂର ଶାଳବଣୁ କର୍ଣ୍ଣପଟେ ଶୁଭେ
ସମ୍ମୋହନୀ ବଂଶୀ ସ୍ୱନ ।
ଅଜଣା ପୁଲକେ ଶିହରି ଉଠଇ
ଏଇ ମୋ'ର ତନୁ ମନ ।।
ଝରା ବଉଳର ବାସ୍ନାରେ କେବେ
ମନ ବିଭୋରିତ ହୁଏ ।
ମଳୟ ପବନ ପଞ୍ଚମ ସୁରେ
ପ୍ରେମର ଗଜଲ୍ ଗାଏ ।।

ଦୂର ଦେବାଳୟୁ ଭାସି ଆସିଲାଣି
ଘଣ୍ଟ ଘଣ୍ଟା ଶଙ୍ଖ ଧ୍ୱନି ।
କିଏ ସେ ଆସୁଛି କହିଦିଅ ମୋତେ
କାହାର ଏ ଆବାହନୀ ?
ଚୁପିଚୁପି କାନେ କହିଯାଏ ଫୁଲ
ଫଗୁଣ ଆସିଛି ବୋଲି ।
କୋଇଲି କହୁଛି ତୁମେକି ଜାଣନା
କାହିଁ କୁହୁକୁହୁ ଗାଏ ବୋଲି ।।
ଝୁଲଣ ଦୋଳିରେ ଝୁଲିଲେଣି ଦେଖ
ରାଇ ସଙ୍ଗେ ଦାମୋଦର ।
ପ୍ରେମମୟ ବାର୍ତ୍ତା ଦିଅନ୍ତି ବିଞ୍ଚିଲୋ
କୃଷ୍ଣ ପ୍ରେମ ଏକା ସାର ।।
କୃଷ୍ଣ ପ୍ରେମେ ବନ୍ଧା ଏ ସାରା ଜଗତ
ସେ ତ ଜୀବନର ଗତି ମୁକ୍ତି ।
ଏ ନେତ୍ର ପବିତ୍ର ଦରଶନ ଲଭି
ତବ ଯୁଗଳ ମୂରତି ।।
ହେ ଫଗୁଣ, ତୁମ ପରଶରେ ସବୁ
ରଙ୍ଗାୟିତ ହୋଇଯାଉ ।
ପ୍ରେମର ମନ୍ତ୍ର କୋଣ ଅନୁକୋଣେ
ଗୁଞ୍ଜରିତ ହେଉଥାଉ ।।

ବାଣପୁର,
ଖୋର୍ଦ୍ଧା



# ଫଗୁଣ

**ବାସନ୍ତୀ ଦେଇ**

ଧରା ପୃଷ୍ଠୁ ବିଦା ହୋଇ ଚାଲିଯାଏ
ପଞ୍ଚମ ଋତୁଟି ଶୀତ
ହାତ ଠାରି ଡାକେ ବସନ୍ତ ଋତୁକୁ
ଗାଇ ମଙ୍ଗଳ ସଙ୍ଗୀତ ।।
ଷଡ଼ ଋତୁଚକ୍ର ମଧ୍ୟେ ଋତୁରାଜ
ଧରା ଆଗମନ କରେ
ଫାଲଗୁନ ଓ ଚୈତ୍ର ଅଟେ ମଧୁମାସ
ଅପରୂପ ସୌନ୍ଦର୍ଯ୍ୟରେ ।।
ଦ୍ୱାଦଶ ମାସଟି ପବିତ୍ର ଫଗୁଣ
ଅବିର ଅବିର ବାସେ
ଆମ୍ରକୁଞ୍ଜେ କୋକିଳର କୁହୁତାନ
ବଉଳ ବଉଳ ବାସେ ।।
ପତ୍ରଝଡ଼ା ବୃକ୍ଷ ହୁଏ ପଲ୍ଲବିତ
ସୁଲୁସୁଲୁ ବହେ ବାତ
ଫୁଲେଇ ଫଗୁଣ ଅବିର ବିଛେଇ
ଗାଏ ପ୍ରେମର ସଙ୍ଗୀତ ।।
କୃଷ୍ଣଚୂଡ଼ା ହସେ ଅବିର ରଙ୍ଗରେ
ମାନସେ କବିତା ଛନ୍ଦେ
ପୁଷ୍ପ ବାଟିକାରେ ଭ୍ରମର ଗୁଞ୍ଜନ
ପଳାଶ ବାହୁନି କାନ୍ଦେ ।।
ରୂପରେ ସୁନ୍ଦର ହେଲେ ଗୁଣହୀନ
ସଂସାରେ ପାଏନା ଆଦର
ପ୍ରକୃତି କୋଳରୁ ଶିକ୍ଷା ମିଳେ ଏହା
ଗୁଣୀ ଜନେ ହେତୁ କର ।।
ଫଗୁଣ ମାସରେ ଦୋଳ ହୋଲି ପର୍ବେ
ଅବିର ରଙ୍ଗରେ ଖେଳ
ଆନନ୍ଦ ଉଲ୍ଲାସ ପ୍ରେମ ପ୍ରୀତି ଭାବ
ବଢ଼ିଥାଏ ପରସ୍ପର ।।
ଅବିର ରଙ୍ଗରେ ଧରା ବର୍ଣ୍ଣବିଭା
ଶୋଭା ହୁଏ ଦ୍ୱିଗୁଣିତ
ନାହିଁ ଖରା ବର୍ଷା କାକର କି ଶୀତ
ଫଗୁଣେ ବସନ୍ତ ମିତ ।।
ଫଗୁଣେ ଜାଗର ମହାଶିବରାତ୍ରି
ଉଜାଗରେ ଜାଳ ଦୀପ
ନିର୍ଜଳା ଉପାସ ଜାଗର ପ୍ରଦୀପ
ଶରୀରୁ ନାଶଇ ପାପ ।।
ପ୍ରଭୁ ମହାଦେବ ଶ୍ରୀ ରାଧାମାଧବ
ସୁସଜ୍ଜିତ ଦୋଳ ମଣ୍ଡପେ
ବାଣ ରୋଷଣୀରେ ଆଲଟ ଚାମରେ
ଫଗୁଣ ହସଇ ଆମୋଦେ ।।

ନବିନାବାଗ,
ଖୋର୍ଦ୍ଧା

# ବସନ୍ତ

ହୃଷୀକେଶ ମିଶ୍ର

ନବପଲ୍ଲବରେ ପଲ୍ଲବିତ ବନୁ
ଶୁଭିଲା ପଞ୍ଚମ ସୁର
ସୁମନ ସୁବାଷ ଚହଟାଏ ବାସ
ସୁବାସିତ ମଞ୍ଜପୁର

ସଙ୍ଗେ ଘେନି ଆସେ ମଳୟ ପବନ
ଆମ୍ର ବଉଳର ବାସ୍ନା
ନିଶାକୁ ହରଣ କରେ ମହାନନ୍ଦେ
ଶୁଭ୍ର ଶଶାଙ୍କର ଜ୍ୟୋସ୍ନା

କରି କଳରବ ବିହଙ୍ଗମ କୁଳ
ନୀଡ଼ ବାହୁଡ଼ାଣି ହେଲେ
ଆସିଲା ବସନ୍ତ ଋତୁ ବୋଲି ଜାଣି
ଶାବକେ ଆହାର ଦେଲେ

ଫେରିଯାଏ ଶୀତ ଆସୁଛି ବସନ୍ତ
ଜଗତେ ପଡ଼ିଛି କଥା
ପ୍ରକୃତି ଆନନ୍ଦ କହିଲେ ନସରେ
ଗରବେ ଟେକିଛି ମଥା

ଦୂରରୁ ଶୁଭୁଛି ଘଣ୍ଟ ଘଣ୍ଟା ଶବ୍ଦ
ଉଡ଼ାଇ ବିମାନେ ଧ୍ୱଜା
ଝୁଲି ଆସୁଛନ୍ତି ସେ ଦୋଳଗୋବିନ୍ଦ
ଚତୁର୍ଦ୍ଦିଗ ସାଜସଜ୍ଜା

ରଙ୍ଗବେରଙ୍ଗର ପୁଷ୍ପେ ସୁସଜ୍ଜିତ
ହୋଇଛି ଧରଣୀରାଣୀ
ପିକ କୁହୁତାନ ଶୁଣି କହେ ମନ
ଆଃ କି ମଧୁର ବାଣୀ

ଫୁଲରୁ ଫୁଲକୁ ଉଡ଼ି ବୁଲୁଥାଏ
କଅଁଳ ପରଜାପତି
କେଜାଣି କି କଥା ଫୁଲ କାନେ କୁହେ
ଚଞ୍ଚଳ ଚପଳମତି

କଳା ଭଅଁରଟି ଗୁଣୁଗୁଣୁ ହୋଇ
ଗୀତ ଗାଇ ବୁଲୁଥାଏ
ମଧୁ ଲାଭ ଆଶେ ଫୁଲେ ଯାଇ ବସେ
ବସନ୍ତ ଋତୁ ପରଶେ

ଆସିଛି ବସନ୍ତ ଜନମନ ଶାନ୍ତ
ପ୍ରକୃତି ମୁରୁକି ହସେ
ନବପଲ୍ଲବରେ ପଲ୍ଲବିତ ଦ୍ରୁମ
ଭାରି ମନଲୋଭା ଦିଶେ

କଳାହାଣ୍ଡି



# ଫଗୁଣ ଆସିଛି

ସୀମା ମେହେର

ଫଗୁଣ ଆସିଛି
ବସନ୍ତର ମୃଦୁ ମଳୟରେ
ଆମୋଦିତ କରିବାକୁ
ନାନା ଜାତି ଫୁଲର
ମହକେ ମହକିବାକୁ ।

ଫଗୁଣ ଆସିଛି
ପ୍ରେମ ରଙ୍ଗକୁ ନେଇ
ପ୍ରୀତିର ନିଶାରେ ଚୂର୍ ହେବାକୁ
ହୃଦୟ ଦେଇ ଭଲ ପାଇବାକୁ
ମିଠା ମିଠା ଗୀତଟେ ଗୁଣୁ ଗୁଣେଇବାକୁ ।

ଫଗୁଣ ଆସିଛି
ଦୋଳ ମେଳଣକୁ ନେଇ
କଳାକାହ୍ନୁ ଖେଳିବେ ହୋଲି
ଶ୍ରୀରାଧାଙ୍କୁ ନେଇ ।

ଚଉଦିଗ ହେବ
ସପ୍ତରଙ୍ଗ ମୟ
ଜାତି ଜାତି ପୁଷ୍ପେ
ଶୋଭିତ ହୋଇ ।

ଫଗୁଣ ଆସିଛି
ଏ ଧରାକୁ ପ୍ରାଣେ ପ୍ରାଣେ
ଆନନ୍ଦ ଉଲ୍ଲାସ ଭରି ଦେବାକୁ ।

ବରଗଡ଼

# ଋତୁରାଜ ବସନ୍ତ



**କାହ୍ନୁଚରଣ ମିଶ୍ର**

ଆସିଲା ବସନ୍ତ ଶୀତ କରି ଅନ୍ତ
ପ୍ରକୃତିର ଶୋଭା ଭରି
ନୁହେଁ ଅତି ଶୀତ ନଥାଏ ଗରମ
ଋତୁରାଜ ନାମ ଧରି ।
କୋମଳ ପଲ୍ଲବେ ଭରି ହୋଇଗଲେ
ବର,ଓସ୍ତ ଆଦିମାନେ
ପଳାଶ ଫୁଲର ମନୋରମ ଦୃଶ୍ୟ
ଆକର୍ଷେ ଦର୍ଶକ ମନେ ।
ମଲ୍ଲୀ ଓ ଟଗର ଫୁଲ ଫୁଟି ସବୁ
ଧବଳ ରଙ୍ଗଟି ଦିଶେ
ଭ୍ରମର ବୁଲଇ ଫୁଲରୁ ଫୁଲକୁ
ମଧୁ ଚୁମ୍ବିବାର ଆଶେ ।
ଦକ୍ଷିଣ ଦିଗରୁ ବହଇ ମଳୟ
ଶୀତଳ ସମୀର ଦେଇ
ସେହି ପବନରେ ନବୀନ ପତର
ଆନନ୍ଦରେ ନାଚୁଥାଇ ।
କୋଇଲିର ସ୍ୱର କୁହୁକୁହୁ ତାନ
ଆମ୍ରକୁଞ୍ଜୁ ଶୁଭୁଥାଏ
ତା' ମଧୁର ସ୍ୱର ବାଜିଲେ କର୍ଣ୍ଣରେ
ମନକୁ ଆନନ୍ଦ ଦିଏ ।
ଫଗୁ ଦଶମୀରେ ଠାକୁରଙ୍କୁ ଫଗୁ
ପ୍ରଥମେ ଅର୍ପଣ ହୁଏ
ଦୋଳ ପୂର୍ଣ୍ଣମୀରେ ଆମ୍ବ କଷି ଆଣି
ଠାକୁରଙ୍କୁ ଦିଆଯାଏ ।
ଶିବରାତ୍ରୀ, ଦୋଳ, ପଞ୍ଚୁ, ଦଶଦୋଳ
ହୋଲି ଆଦି ହୋଇଥାଏ
ଅଶୋକା ଅଷ୍ଟମୀ ଶ୍ରୀରାମ ନବମୀ
ଏ ଋତୁରେ ପଡିଥାଏ ।
ଦୋଳ ବିମାନରେ ବିଜେ କରିଥା'ନ୍ତି
ଦେବାଦେବୀମାନେ ସବୁ
ବିଭିନ୍ନ ଯାଗାରେ ମେଳନ ହୁଅନ୍ତି
ଫଗୁ ଖେଳ ଖେଳିବାକୁ ।
ଅବିର ଅଟଇ ବସନ୍ତ ରୋଧକ
ରୋଗର ଏ ପ୍ରତିକାର
ହୋଲି ଉତ୍ସବରେ କେବଳ ଅବିର
ରଙ୍ଗ କର ବ୍ୟବହାର ।
ରାସ ଖେଳିବାକୁ ବାହାରି ଆସନ୍ତି
ରାଇ ସଙ୍ଗେ ଦାମୋଦର
କି ସୁନ୍ଦର ଆହା କମନୀୟ କାନ୍ତି
ଦିଶୁଥା'ନ୍ତି ବଂଶୀଧର ।
ଆହା କି ସୁନ୍ଦର ପ୍ରକୃତି ବିଚାର
ବସନ୍ତ ହୁଅଇ ରାଜା
ଦୁଇ ମାସ ପାଇଁ ରାଜୁତି କରିଣ
ଦେଇଥାଏ କେତେ ମଜା ।

**ଟାଙ୍ଗି,**
**ଖୋର୍ଦ୍ଧା**



# ଫୁଲେଇ ଫଗୁଣ

ଡଃ ସନ୍ତୋଷ କୁମାର ପଣ୍ଡା

ଫୁଲେଇ ଫଗୁଣ ପ୍ରୀତିରଙ୍ଗ ବୋଳେ
ଋତୁରାଜଙ୍କ ଆଗମେ,
ପୀରତି ପସରା ସଜ ହୋଇଅଛି
ଖେଳିଯିବ ମର୍ମେ ମର୍ମେ।
ନୀଳ ଧଡ଼ି ସହ ସବୁଜ ଶାଢ଼ୀରେ
ନାଲି ରଙ୍ଗ ଫୁଲ ଗଭା,
ପ୍ରକୃତି ମାତାର ରୂପ, ରଙ୍ଗ ଆଜି
ସତେ କେଡ଼େ ମନଲୋଭା !
କାହ୍ନା ଖେଳୁଅଛି ରାଇ ସାଥେ ମିଶି
ରଙ୍ଗ ଅବିରର ହୋଲି,
କୁସୁମ କଳିକା ପୁଷ୍ପ ବାଟିକାରେ
ଫୁଟିଛନ୍ତି ଭଳି ଭଳି।
କୋଇଲି ଗାଉଛି ପଞ୍ଚମ ତାନରେ
କୁଜ୍ଝଟିକା ଯାଏ ହଟି,
ମୃଦୁ ମନ୍ଦ ମନ୍ଦ ମଳୟ ପବନ
ବାସ ବି ଯାଏ ଚହଟି।
ମଧୁମକ୍ଷିକା ତ ମଧୁ ସଂଗ୍ରହରେ
ବଳାଇଛି ତା'ର ମନ,
ମଧୁମାସ ଆଜି ପୂର୍ଣ୍ଣ କରିଦେବ
ପ୍ରେମୀଯୁଗଳଙ୍କ ସ୍ୱପ୍ନ।

ଗତିରାଉତପାଟଣା,
କଟକ



# ଫଗୁଣ

କଳ୍ପନା ମିଶ୍ର

ଶୀତର ଶେଷରେ ବସନ୍ତ ଆସିଛି
ଫଗୁଣକୁ ସାଥେ ଧରି
ପଞ୍ଚମ ତାନରେ କୋଇଲି ଗାଉଛି
ସ୍ୱାଗତିକା ସ୍ୱର କରି ।
ଦକ୍ଷିଣା ପବନ କରେ ଆନମନା
ଦେହ ମନକୁ ମୋହୁଛି
ଆମ୍ବର ବଉଳ ବାସ ଚହଟାଇ
ଫଗୁଣ ଗୀତ ଗାଉଛି ।
ଜାତି ଜାତି ଫୁଲ ଫୁଟୁଛି ଧରାରେ
ଭଳି ଭଳି ବାସ ଛୁଟିଲା
ବରଷକେ ଥରେ ରଙ୍ଗ ଅବିରରେ
ଫଗୁଣଟା ହେବ ରଙ୍ଗିଲା ।
ଶାଶ୍ୱତ ସୃଷ୍ଟିରେ ହେନା ଜାଇ ଜୁଇ
ପଳାଶ ଶିମିଳି ସୁନ୍ଦରୀ
ଅନେକ ଫୁଲର ମହକ ଛୁଟୁଛି
ନବ ପଲ୍ଲବକୁ ଆବୋରି ।
ପଞ୍ଚମେଳ ହୋଇ ମେଳଣ ପଡିଆ
ଫଗୁ ବୋଳାବୋଳି ହୋଇବେ
ଦୋଳ ବିମାନରେ ରାଧାକୃଷ୍ଣ ଦେଖି
ନାମ ସଂକୀର୍ତ୍ତନ କରିବେ ।

ହରିପୁର, ସୁକିନ୍ଦା,
ଯାଜପୁର



# ଫଗୁଣ ଗୋ

ମଧୁଛନ୍ଦା ଦାଶ

ଲାସ୍ୟମୟୀ ଫଗୁଣ ଗୋ
ଅଳସ ପାଦକୁ ଥାପି
ଧରାପୃଷ୍ଠେ ଆସ ଅବତରି
ଲାଜର ଓଢ଼ଣା ଖୋଲି
ମଳୟ ଗୀତିକା ଗାଇ
ତନୁମନେ ଦିଅ ସ୍ୱପ୍ନ ଭରି ।

ତୁମ୍ଭ ଆଗମନେ
ପୁଲକିତା ମହୀ
ପିକ ଗାଏ ସ୍ୱାଗତିକା
ଜାଇ, ଯୂଇ, ହେନା
ମାଧବୀ ଲତାରେ
ଗୁଞ୍ଜଇ ମଧୁମକ୍ଷିକା ।

ନବ ପଲ୍ଲବିତ
ହୋଇଣ ପାଦପ
ନାଚେ ଚଇତିର ତାଳେ
ମଧୁବସନ୍ତର
ଶୁଭ ଆଗମନେ
ଆଳଟ ଚାମର ଢ଼ାଳେ ।

ପୁଷ୍କରିଣୀ ଜଳେ
କ୍ରୀଡନ୍ତି ମରାଳ
ମନ୍ଦମନ୍ଦ ଭାସେ କଇଁ
ବିମଳ ଗଗନେ
ହସେ ପୂର୍ଣ୍ଣ ଇନ୍ଦୁ
ସଞ୍ଜ ଯେବେ ଆସେ ନଇଁ ।

ପଳାଶ ଫୁଲର
ଲାଲି ଗାଲିଚାରେ
ବାସନ୍ତିକ ବର୍ଣ୍ଣବିଭା
ବନେ ଉପବନେ
ଉଦିତ ରବିର
ସ୍ୱର୍ଣ୍ଣିମ କିରଣ ଆଭା ।

ବଉଳ ଫୁଲର
ମିଠା ମହକରେ
ବାସ୍ନାୟିତ ଦଶଦିଶ
ଅଳିର ଗୁଞ୍ଜନ
ମୃଦୁ ସମୀରଣ
ଆଣଇ ପ୍ରୀତି ସନ୍ଦେଶ ।

ପ୍ରକୃତି ସୁଷମା
ଅଟେ ଅନୁପମା
ଆମ୍ରବନେ କୁହୁତାନ
ରଙ୍ଗ ବେରଙ୍ଗର
ପୁଷ୍ପିତ ଲତାରେ
ଶୁଭେ ବିହଙ୍ଗ କୂଜନ ।

ପୁରପଲ୍ଲୀ ସାରା
ମୁଖରିତ ପରା
ଲାଗିଛି ରଙ୍ଗର ମେଳା
ଦୋଳ ବିମାନରେ
ଦୋଳ ଗୋବିନ୍ଦ ଯେ
କରନ୍ତି ଅପୂର୍ବ ଲୀଳା ।

ହୋଲି ପରବରେ
ରାଇ ଦାମୋଦର
ଫଗୁ ଖେଳେ ମଜି ଯାନ୍ତି
ପ୍ରେମର ରସରେ
ଭିଜିଣ ସଭିଏଁ
ଭେଦଭାବ ପାଶୋରନ୍ତି ।

ଖୁସିର ସନ୍ଦେଶ
ଆଣେ ମଧୁମାସ
ଧରଣୀ ହୋଇଛି ଧନ୍ୟା
ଫଗୁଣ ପରଶେ
ପ୍ରକୃତି ସାଜିଛି
ରୂପବତୀ ରାଜକନ୍ୟା ।

ଭୁବନେଶ୍ୱର



# ଫଗୁଣର ଆଗମନେ

**ରୋଜାଲିନ ପଟ୍ଟନାୟକ**

ଅବତରି ଆସିଛିରେ ମରତକୁ ଫଗୁଣ
ଶୁଭୁଚି କୋଇଲିର ସୁମଧୁର କୁହୁ ତାନ
ମୃଦୁ ମଳୟ ଆଣିଛି ଧୀର ଧୀର ସମୀରଣ
ପୁଷ୍ପ ପାଶେ ମଧୁମକ୍ଷୀ କରୁଅଛି ଗୁଞ୍ଜରଣ
ହୃଦୟରେ ଭରିଦିଏ ପ୍ରେମ ଆଉ ଶିହରଣ।
ଅବତରି ଆସିଛିରେ ମରତକୁ ଫଗୁଣ.....(୧)

ନୂତନ ସବୁଜ ବସ୍ତ୍ର କରିଛନ୍ତି ପରିଧାନ
ବୃକ୍ଷରାଜି ପାଇଛନ୍ତି ପୁଣି ନବ ଯୌବନ
ଆମ୍ର ବଉଳର ବାସ୍ନା ହେଉଅଛି ବିକିରଣ
ମହକ ମଧୁମାଳତୀର ମହକାଏ ଉପବନ
ଉନ୍ମାଦିତ ହେଉଅଛି କିଶୋର କିଶୋରୀ ମନ।
ଅବତରି ଆସିଛିରେ ମରତକୁ ଫଗୁଣ.....(୨)

ଏଇ ଦେଖ ଆସିଲା ଫଗୁ ବୋଳା ବେଳ
ମନ ଆଉ ଚର୍ମରୋଗ ହୋଇଲା ନିର୍ମଳ
ରାଧାଗୋବିନ୍ଦ ଖେଳିଲେ ପିଚକାରୀ ଖେଳ
ଗାଁ ଗଣ୍ଡା ଓ ସହରେ ଲାଗିଲା ଠାକୁର ମେଳଣ
ଦୋଳବେଦୀ ପରେ ଭୋଗ ଆମ୍ର, ଚଣା ଓ ଶାକର।
ଅବତରି ଆସିଛିରେ ମରତକୁ ଫଗୁଣ.....(୩)

**ନେତାଜୀ ନଗର ଲେନ୍ ୨,**
**ପଲ୍ଲା, ଖୋର୍ଦ୍ଧା**



# ରଙ୍ଗୀନ ଫଗୁଣ

ଜ୍ୟୋତ୍ସ୍ନାରାଣୀ ପଟ୍ଟନାୟକ

ଉତ୍ତରା ପବନ ଯାଇଛି ଉଭେଇ
ଦକ୍ଷିଣା ସମୀରକୁ ନିମନ୍ତ୍ରଣ ଦେଇ
ନାହିଁ ବରଷା ନାହିଁ ଝାଞ୍ଜି ପ୍ରକୋପ
ମନ୍ଦ ମଳୟ ଦିଏ ଚନ୍ଦନ ପ୍ରଲେପ
କୋଟି ଜନମନେ ଉଲ୍ଲାସ ଭରି
ଆସିଛି ଆସିଛିରେ ଆଜି ଚଇତାଳି ।

ମୃଦୁମୃଦୁ ବହେ ମଳୟ ମନ୍ଦନ
ସଭିଙ୍କ ମନରେ ଅପୂର୍ବ ଶିହରଣ
ଉଲ୍ଲାସର ଫଲଗୁ ଶରୀରେ ଶରୀରେ
ପୁଲକିତ ପୁଣି ସଭିଙ୍କ ପ୍ରାଣ
ସତେ ଅବା ଫଗୁଣର ପହିଲି ଚୁମ୍ବନ ।

ଆମ୍ର ଉପବନେ କୋଇଲିର ତାନ
ଧରାକୁ କରାଏ ସଙ୍ଗୀତମୟ
ବଉଳ ମହକ ପବନରେ ଭାସେ
କୃଷ୍ଣଚୂଡା ଶୋଭା ଅପୁର୍ବ ଦିଶେ
ନବପଲ୍ଲବିତ ପାଦପ ଲତିକା
ନାନାଜାତି ଫୁଲେ ପ୍ରକୃତି ଶୋଭିତା ।

ଫଗୁଣ ଅଙ୍କରେ ଋତୁରାଜ ବସନ୍ତ
ଧରାରେ ସୌନ୍ଦର୍ଯ୍ୟର ଛବି ଆଙ୍କି ଦେଇଯାଏ
ସଭିଙ୍କ ହୃଦୟେ ସଙ୍ଗୀତ ମୂର୍ଚ୍ଛନା
ହରଷିତ ଛନ୍ଦେ ଛୁଇଁ ଛୁଇଁ ଯାଏ
ଫଗୁଣର ପରବ ହୋଲି ,ଦୋଳଯାତରା
ଫଗୁଉଡେ ସାହି ସହରସାରା
ଭକ୍ତ ସଙ୍ଗେ ବିଭୋର ଭଗବାନ୍
ସଂସ୍କୃତି ଆମର କେତେ ଯେ ମହାନ ।



# ମରତେ ଫଗୁଣ ପରବ

ସୁଜାତା ପଟ୍ଟନାୟକ

ଚୀର ସବୁଜ ମୋ' ମରତ ଆଜି
ନବ ଦୂର୍ବାଦଳ ଗାଲିଚାରେ
ବସି ପ୍ରସାଧନ କରେ ନିଜର
ମନ୍ଦ ମଳୟର ସୁଗନ୍ଧରେ ।
ନବ ପଲ୍ଲବିତ ବିଟପ ସାଜିଛି
ପ୍ରକୃତିର ଗୃହ କରତା
କିଶଳୟେ ଲେଖି ସୂଚାଇ ଦେଇଛି
ଫଗୁଣର ଶୁଭ ବାରତା ।
ଋତୁରାଜ ଆମ ବସନ୍ତ ଋତୁ
ଆଣିଛି ଫଗୁଣ ମରତକୁ
ସାଥେ ଆସିଛନ୍ତି ଆମ ଦେବତା
ଘେନି ଭକ୍ତଜନ ଆତିଥ୍ୟକୁ ।
ଅପେକ୍ଷାରତ ସେ ଦୋଳ ବିମାନ
ଅନାଇଁ ରହିଛି କୁସୁମ ରାଜି
ଗ୍ରାମୀଣ ଡଗର ଅତିଥି ବାନ୍ଧବ
ପୁଲକିତ ମନ ହୃଦୟ ଆଜି ।

ଗୋମୟରେ ଲିପି ନିଜ ବାସ ଦ୍ୱାର
ଗ୍ରାମ୍ୟବଧୂ ଆଙ୍କି ରଙ୍ଗ ମୁରୁଜ
ଖଇ ଉଖୁଡା ଓ ପକ୍ୱ ରମ୍ଭାଫଳ
ଚଣା ଶାକରରେ ଥାଳିଟି ସଜ ।
ସୁନ୍ଦର ଯୁଗଳ ମୂରତି ଖେଳିବେ
ଧରି ରଙ୍ଗ ପିଚକାରୀ
ଶିକ୍ତ ହୋଇ ଯିବ ଭକ୍ତ ମନ ପ୍ରାଣ
ଅଙ୍ଗରେ ଅବିର ବୋଳି ।
ଫଗୁ ରଙ୍ଗବୋଳା ଆମ ଏ ଧରିତ୍ରୀ
ସନ୍ତାପିତ ବୁକୁ କରି ଶୀତଳ
ସାଜି ଭାଟ ପ୍ରଚାରିବ ଫାଲ୍ଗୁନର
ବିଭୁ ପାଦେ ମନାସିବ କୁଶଳ ।

ଖୋର୍ଦ୍ଧା



# ଫଗୁଣର ସୁଆଗମନେ...

ଜିତେନ୍ଦ୍ର କୁମାର ନାୟକ

ଫଗୁଣ ହସଇ ଏଠି ବଉଳ ଗହଳେ
ନବପତ୍ର ସମ୍ଭାରର କଅଁଳ ଛାତିରେ,
ଚତୁର୍ଦ୍ଦିଗେ ବସନ୍ତର ମହୋତ୍ସବ
ଉଲ୍ଲାସର ଅପୂର୍ବ କମ୍ପନ ତୋଳେ
ପ୍ରତି ପ୍ରାଣେ ପ୍ରତିଟି ସ୍ପନ୍ଦନେ.....!
କୋଇଲିର କୁହୁତାନେ
ଅବା, କେଉଁ କୁହୁକର କାଉଁରୀ ମନ୍ତ୍ରରେ
ପ୍ରତିଦିନ ତୁମ ସହ ଭେଟହେଉଥିଲା,
ଠିକ ସେ ଅନ୍ତରଙ୍ଗ-ନିରୋଳା ମୁହୂର୍ତ୍ତରେ.....
ପ୍ରତିବାଦୀ କେହି ତ ନଥିଲେ,
ଆମ ଏ ପବିତ୍ର ନିବିଡ଼ ସମ୍ପର୍କ ସେତୁରେ.....!
ସବୁକିଛି ଠିକ୍ ଠାକ୍ ଏଠି ଚାଲିଥିଲା......
ଫଗୁଣର ମହମହ ବାସ୍ନାରେ
ତଥା ଫଗୁଣର ସୁଆଗମନେ.....!

ସମ୍ପାଦକ- ପ୍ରୀତିପଦ୍ମା,
ମହାବୀର କଲୋନୀ, ସାକ୍ଷୀଗୋପାଳ,
ପୁରୀ

# ଆସ ହେ ଫଗୁଣ...



ରଶ୍ମିତା ମହାରଥୀ

ଆସ ହେ ଫଗୁଣ ଶୀତ ଅବସାନେ
ଝରାଇ ମଧୁର ପ୍ରୀତି...
ଧରଣୀ ରାଣୀର ଭିନ୍ନ ଏ ପ୍ରତୀକ୍ଷା
ଇଚ୍ଛେ ତୁମ ଉପସ୍ଥିତି ....!
ମହକଇ ଆମ୍ର ବଉଳର ବାସ
କୁଞ୍ଜେ କୋଇଲିର ଗୀତି...
ମୃଦୁ ମଳୟରେ ସେବତୀ, ମଲ୍ଲୀ ଯେ....
ବାସ ପୁଣି ଚହଟାନ୍ତି ......!
ଦୋଳପୂର୍ଣ୍ଣିମାରେ ପଞ୍ଚୁ ମେଳଣରେ
ରାଧାକୃଷ୍ଣଙ୍କର ବେଶ
ଦୋଳବିମାନରେ ଯୁଗଳମୂରତି
ଦରଶନେ ମନ ତୋଷ....!
ସହସ୍ର କୋଶରୁ କେତେ ଯେ ଭକତ
ଶ୍ରଦ୍ଧାରେ ଆସନ୍ତି ଧାଇଁ
ଫଗୁଣରେ ଫଗୁ ବିଞ୍ଚନ୍ତି ପ୍ରଭୁଙ୍କୁ
ଆନନ୍ଦେ ବିଭୋର ହୋଇ...!

ହେ ଫଗୁଣ........!!

ପ୍ରତି ପାଦେ ପାଦେ ବାଟ ଚାଲୁ ଚାଲୁ
ତୁମକୁ ମୁଁ ଅନୁଭବି
ତୁମରି ପ୍ରୀତିର ସମ୍ପର୍କ ଡୋରିରେ
କୃତାର୍ଥ ମୁଁ ହେଉଥିବି....

ଜଗନ୍ନାଥପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,
ପିପିଲି, ପୁରୀ

# ଫଗୁଣ ଆସିଲା

ରଞ୍ଜିତା ମିଶ୍ର



ଟୁପୁରୁ ଟୁପୁରୁ ମହୁଲ ପଡ଼ିଲା
ବନଭୂମି ସାରା ମହକି ବାସିଲା
ଆମ୍ର ଡାଳରେ ବଉଳ ଚହଟିଲା
ଚୁପିଚୁପି ଦେଖ ଫଗୁଣ ଆସିଲା ।

ପେଣ୍ଟା ପେଣ୍ଟା କୁରେଇଁ, ପଳାଶ ଫୁଲ
ଲାଲି ଲାଲି ଓଠେ ମୁରୁକି ହସିଲା
ଅନୂଢ଼ା କୃଷ୍ଣଚୂଡ଼ା କଢ଼ ଖୋଲିଲା
ସିନ୍ଦୂରା ଓଢ଼ଣୀରେ ସଜେଇ ହେଲା ।

କୁହୁକୁହୁ ତାନ କାନନେ ଶୁଭିଲା
ପଞ୍ଚମ ସ୍ୱରରେ କୋଇଲି ଗାଇଲା
ମଧୁପର ଗୁଣୁଗୁଣୁ ଗୁଞ୍ଜନରେ
ଲାଜେ ଫୁଲେଇ କୁସୁମ ଶିହରିଲା ।

ମୃଦୁମୃଦୁ ହୋଇ ମଳୟ ବହିଲା
କୁଆଁରୀ ରୂପସୀ ଅଳସ ଭାଙ୍ଗିଲା
ପ୍ରିୟାର ମରମେ ବାସନା ଜାଗିଲା
ଦୂର ପରଦେଶୀକୁ ମନ ଝୁରିଲା ।

ରଙ୍ଗ ପସରା ନେଇ ହୋଲି ଆସିଲା
ଗୋରା ଗାଲ ଅବିରେ ଗୋଲାପି କଲା
ନାଲି ନେଳି ପାଣି ସବୁ ଧୋଇଦେଲା
ମାନ ଅଭିମାନ ମନେ ଯାହା ଥିଲା ।

ମନୁଆ ମୋହନ ସଙ୍ଗେ ଗୋପବାଳା
ଆନନ୍ଦ ଲଭନ୍ତି କରି ରାସ ଲୀଳା
ଶ୍ରୀ ରାଧାକୃଷ୍ଣଙ୍କ ଝୁଲଣ ଝୁଲିଲା
ପ୍ରେମ ରସେ ଦୁନିଆ ରସେଇ ହେଲା ।

ବଇଣ୍ଡା,
ଅନୁଗୋଳ



# ଫଗୁଣର ଆଗମନେ...

ସିପ୍ରା ସ୍ୱାଇଁ

ପୁଲକିତ ହୁଏ ମନ ସଭିଙ୍କର ଫଗୁଣର ଆଗମନେ,
ନ ଥାଏ ଶୀତ, ନଥାଏ କାକର, ନ ଥାଏ ଖରାର ଟାଣ।
କୋକିଳର ତାନେ ପ୍ରକୃତିର ଶୋଭା ଦ୍ୱିଗୁଣିତ ହୋଇଥାଏ,
ଚତୁର୍ଦ୍ଦିଗେ ଆମ୍ର ବକୁଳର ବାସ ମହକି ମହକି ଯାଏ।
ପ୍ରତ୍ୟୁଷରୁ ପୁଷ୍ପ ଚିତ୍ରିତ ହୁଏ ବଗିଚାର ପ୍ରାଙ୍ଗଣେ,
ସକାଳ ସଂଜେ ଲାଗେ ମନଲୋଭା ମୃଦୁ ମଳୟ ସମୀରଣେ।
ମହାଶିବରାତ୍ରି ଜାଗରରେ ବ୍ୟସ୍ତ ସଭିଁଏ ଭକତଗଣ
ଦେବାଳୟେ ହୁଏ ହରି ହର ଭେଟ ଦ୍ୱୀପ ପ୍ରଜ୍ୱଳନ ଜାଣ।
ଦୋଳପୂର୍ଣ୍ଣିମାରେ ସଜ୍ଜିତ ହୁଏ ଦୋଳବେଦୀ ପୀଠମାନ,
ରାଧାକୃଷ୍ଣଙ୍କର ସାହି ଭ୍ରମଣକୁ ଅବିର ଖେଳ ମଉଜ।
ଫଗୁଣରେ ଫଗୁ ଖେଳନ୍ତି ଗୋବିନ୍ଦ ସଖୀ ରାଧିକାଙ୍କ ସାଥେ,
ପଳାଶ କୁସୁମ ବିକଶିତ ହୁଏ କଳାକାହ୍ନୁ ପାଇଁ ସତେ।

ଜଗନ୍ନାଥପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,
ପିପିଲି, ପୁରୀ



# ଫଗୁଣ

ସଂଯୁକ୍ତା ମହାପାତ୍ର

ଫଗୁଣ ଆସିଛି ରଙ୍ଗ ପସରାରେ
ଫୁଲର ସମ୍ଭାର ସାଥେ
ଆମ୍ର ବଉଳର ବାସ ଚହଟାଇ
ଦୋଳ ବିମାନ ଯେ ହସେ
ଜଗତ କରତା ଦୋଳ ଯାତରାରେ
ଫଗୁ ବୋଳି ମଥା ପରେ
ଖୁସିର ପସରା ବାଣ୍ଟି ଚାଲୁଥା'ନ୍ତି
ସ୍ନେହ ବନ୍ଧନ ଡୋରିରେ
ସଭିଙ୍କ ଓଠରେ ହସର ଜୁଆର
ଉଚ୍ଛୁଳିତ ହୋଇ ଉଠେ
ମମତା ରଜ୍ଜୁ ଯେ ଟାଣଇ ସଭିଙ୍କୁ
ରଙ୍ଗର ଖେଳ ଯେ ମାତେ
ହୃଦୟ କନ୍ଦର ପ୍ରକମ୍ପିତ ହୁଏ
ଫଗୁଣ ମହକ ପାଇ
ମନ ଖୋଜେ ସଦା, ଫଗୁଣ ପରଶ
ବରଷାଇ ଦିଅ ସାଇଁ

ପୀତବାସ ୟୁଜି ୟୁପି ବିଦ୍ୟାଳୟ,
ପିପିଲି, ପୁରୀ

# ଫଗୁଣ

ସୁନନ୍ଦା ମହାନ୍ତି



ପତରେ ପତରେ ଚିଠି ଆସିଲାଣି
ଫଗୁଣ ଆସୁଛି ଜାଣି
କଜ୍ଜଳ ପିନ୍ଧି ସିନ୍ଦୂର ନାଇ
ଅପେକ୍ଷା କରିଛି ଧରଣୀ ରାଣୀ
ନଇ ଋତୁମତୀ ଗଛ ଫୁଲମତି ଅତି
ଆକାଶେ ବଉଦ ଓଢଣା ଟାଣି
ସାଗର ଢେଉରେ ମୁକ୍ତା ବାରୁଣୀ
ପକ୍ଷୀ ଗାଏ ଗୀତ ମଳୟ ସଂଗୀତେ
ଫୁଲ ଗଜରାର ଲମ୍ବା ବେଣୀ
କଜ୍ଜଳପାତି ଚଢ଼େଇଟା ଦେହେ ଅଳସ
ଅଳପ ଛିଟା ଛିଟ ରଙ୍ଗ ବୁଣି
ହୋଲି ଓ ରଙ୍ଗୋଲି କରେ ମତୁଆଲି
ଦି ଦିନ କୁଣିଆ ଜାଣି
ପତରେ ପତରେ

ବସନ୍ତ ଲେଖିଛି ପତର
ଫଗୁଣ ଆସୁଛି ସାତରଙ୍ଗ ବୁଣି
ପ୍ରେମ ମନ୍ଦାକିନୀ ସାରସ୍ୱତ ସମ୍ଭାବନା
ସାଥେ ପଥେ ପ୍ରକୃତି ଗୁଣ ଗୁଣୀ
କବିତା ଲେଖିବା ଶବ୍ଦ ଗୁନ୍ଥିଯିବା
ଭାଷା ସାହିତ୍ୟର ଖୋଲି ମୁଣି
ଫଗୁଣ ଆସିଛି ଆମ୍ବ ବଉଳ ବାସୁଛି
ଦୋଳରେ ମଦନ ମୋହନ ଜାଣି
ରାସ ପୂର୍ଣ୍ଣିମୀ ଓ ଚନ୍ଦନ ଯାତରେ
ପଧାରିବେ ଜଗତ ମଉଡ଼ମଣୀ
ଆମ୍ର ବଉଳର ଫାଙ୍କରୁ କୋଇଲି ଗାଉଛି
କୁହୁ ସଂଗୀତର ସାତସ୍ୱର ଗଣି ଗଣି
ବାଟୋଇ ଭାଇ ଥକ୍କା ମାରେ ଦିଘଡ଼ିଁ
ଫଗୁଣ ବାସ୍ନାରେ ମଳୟ ବହେ ଉଜାଣି

ସାକ୍ଷୀଗୋପାଳ,
ପୁରୀ

# ହୋଲି ଯୋଉଠି ସେଇଠି

ଶୁଭଶ୍ରୀ ରାଉତ

ଋତୁ ଯୋଉଠି ସେଇଠି
ରଙ୍ଗ ମାନେ ସଜେଇ
ହେଇଛନ୍ତି ନିଜକୁ
ରଙ୍ଗ ପସରାରେ.......।

ବଗିଚା ଯୋଉଠି ସେଇଠି
ଫୁଲ ମାନେ ସଜେଇ ହେଇଛନ୍ତି
ଛିଟ ଶାଢ଼ିରେ ........।

ଫଗୁଣ ଯୋଉଠି ସେଇଠି
ହସ ମାନେ ଉଡୁଛନ୍ତି
ପ୍ରଜାପତିର ଡେଣାରେ ।

ଓଠ ଯୋଉଠି ସେଇଠି
ଗୋଟିଏ ଶୁଖିଲା ହୋଲିରେ
ମୁଁ ରଙ୍ଗେଇ ଚାଲିଛି ନିଜକୁ

ମୁହୂର୍ତ୍ତଟେ ହେଉ ପଛେ
ଭିଜି ଯିବା ପାଇଁ
ତୁମ ରଙ୍ଗ ପିଚକାରୀରେ ।

ଅମରାବତୀ ପୁର
ଚାରିବାଟିଆ, କଟକ

# ବସନ୍ତ ଫେରିଛି ବୋଲି

ବର୍ଷା ବେହେରା

କୋଇଲି ଗାଉଛି
ସ୍ୱାଗତ ଗୀତିକା
ଭ୍ରମର ବଜାଏ ବାଜା
ପଞ୍ଚ ଋତୁ ପରେ
ପ୍ରକୃତି କୋଳକୁ
ଫେରିଛି ଋତୁର ରଜା ।

ବନ-ଉପବନ
ଦିଶେ ଛନଛନ
ବସନ୍ତ ଫେରିଛି ବୋଲି
ଧୀରେ ବହୁଥାଏ
ଚଇତାଳି ବାଆ
ଫୁଲ ହସେ ଖିଲିଖିଲି ।

ମହୁଲ ବାସୁଛି
ମହମହ ହୋଇ
ବଉଳେ ମହକେ ବନ
ସୁରଭି ସମ୍ଭାରେ
ବିମୋହିତ ହୋଇ
ନାଚି ଉଠେ ତନୁ ମନ ।

ଋତୁ ସଜାଇଛି
ଫୁଲରେ କୁଆଁରୀ-ସପନ
ନଈର ତୁଠ,
ଫୁଲି ଉଠୁଅଛି
ଫୁଲ କୁଆଁରୀଙ୍କ
ମନର ମାଣିକ ହାଟ ।

ଦଲକ,
ଖୋର୍ଦ୍ଧା



# ବସନ୍ତ

ହାସ୍ୟମୟୀ ରାଜ

ବସନ୍ତ ଫେରିଛି ଆଜି
ଏଇ ଧରା ହସୁଛି
ମଳୟ ପବନ ସାଥେ
ବଉଳ ବି ବାସୁଛି ।

କାଉଁରି ସ୍ୱର୍ଶରେ ତା'ର
ପଲ୍ଲବିତ ପାଦପ
ଦୋଳ ମଣ୍ଡପ ଦିଶୁଛି
କେତେ ଅପରୂପ ।

ଥରହର କରୁନାହିଁ
ଆଜି ଆଉ ଶୀତ
ହଳଦୀ ବସନ୍ତ ଗାଏ
ସୁମଧୁର ଗୀତ ।

ଅବିର ଖେଳିବେ ରାଈ
ସାଥେ ଥିବେ ମୋହନ
ବୁଲିବେ ଘରକୁ ଘର
ଦେଖିବ ଏ ନୟନ ।

ଜାଗରରେ ଦୀପ ଜାଳି
ମନାସିବି ଶୁଭ
ଲେଲିହାନ ଶିଖା ତାର
ଛୁଇଁଯିବ ନଭ ।

କୋଇଲିର କୁହୁତାନ
ମନେ ଭରେ ପୁଲକ
ମଲ୍ଲୀ ଫୁଲ ଖୋସିଦେଇ
ପ୍ରିୟା ହସେ ଦେଖ।

ପଳାସ ଫୁଲର ରଙ୍ଗ
ଅଧରରେ ମାଖି
ଅପେକ୍ଷା କରେ ପୃଥିବୀ
ପ୍ରେମପତ୍ର ଲେଖି ।

ବସନ୍ତ ଆସିଚି ପେନ୍ଥେ
କୃଷ୍ଣଚୂଡ଼ା ଧରି
ସଜେଇ ଦେବା ପାଇଁ
ଶୂନ୍ୟ ତା କବରୀ ।

ଋତୁଙ୍କର ରାଜା ସିଏ
ବସୁଧା ତା ରାଣୀ
ଅସରା ଯୁଗ ଯୁଗକୁ
ତାଙ୍କର କାହାଣୀ ।

ଓରାଳି, ହାଟଡିହି,
କେନ୍ଦୁଝର

# ଫଗୁଣ

ନିରଞ୍ଜନ ସାହୁ

ପ୍ରତ୍ୟେକ ଜୀବନେ ଆସଇ ନିଶ୍ଚୟ
ସପତରଙ୍ଗୀ ଫଗୁଣ
ଫଗୁଣ ପରଶେ ଜୀବନେ ବଢଇ
ସ୍ୱପ୍ନ, ସଂକଳ୍ପ ଛ'ଗୁଣ।

ଷୋହଳ ଫଗୁଣ ପାରିହେବା ପରେ
ନୂଆନୂଆ ସବୁ ଲାଗେ
ଜୀବନରେ ରଙ୍ଗ ଲାଗି ଯାଇଥାଏ
ପ୍ରଣୟର ଅନୁରାଗେ
ଆଶା ପରିସର ବଢିବଢ଼ି ଯାଏ
ସମ୍ଭାବନା ବହୁଗୁଣ।

ଜୀବନେ ଫଗୁଣ ରଚିଯାଏ ଗୁଣ
କେତେ ଆନମନା କରେ
ସପନକୁ ସତ କରିବା ପାଇଁକି
ନାନାଦି ଉପାୟ ଧରେ
ବେଳେବେଳେ ଏହି ଦୁଷ୍ଟ ଫଗୁଣଟା
ଭରିଦିଏ ବଦଗୁଣ।

ଫଗୁଣ ନଥିଲେ ଜୀବନ ଲାଗନ୍ତା
ମରୁ ମରୀଚିକା ସମ
ଫଗୁଣ କରଇ ଏହି ଜୀବନକୁ
ମଧୁମୟ ଅନୁପମ
ଫଗୁଣ ପ୍ରଭାବେ ପାଗଳାମୀ ଛାଡି
ଘେନାକର ସଦଗୁଣ।

ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ

# ଶବ୍ଦର ଶିଳାପଦ୍ମ

ରତ୍ନପ୍ରଭା ବାଇ

ଜୀବନେ ପୃଷ୍ଠାରେ ବିଦଗ୍ଧ କବିତା ଯେବେଠୁ ହେଲାଣି ଲେଖା
ରଙ୍ଗ ଭରା ଏଇ ଫଗୁଣ ଯେ, କାହିଁ ଲାଗେ ଭାରି ଫିକା ଫିକା ।
ତୁମ ଭାବନାରେ ବିତିଯାଏ ଦିନ ଲୁହରେ ଭିଜୁଛି ରାତି
ଯେଉଁ ରାତି ଥିଲା କୋଟି କଳ୍ପନାର ଜହ୍ନ ଜୋଛନାର ଗୀତି ।

ତୁମ ପାଇଁ ଏଇ ଜୀବନତ ଥିଲା ବିଳାସିତ ବେଳା ଭୂମି
ସପନ ଲହରୀ ନାଚିନାଚି ଆସି ଧୀରେ ଯାଉଥିଲା ତୁମି ।
ତୁମରି ମାୟାରୁ ମୁକୁଳି ପାରୁନି କାଟି ଦେଇଛ ବନ୍ଧନୀ
ପ୍ରତି ମୂହୁର୍ତ୍ତରେ ତୁମ ପ୍ରେମ ମତେ କରିଛି ଶବ୍ଦ ସନ୍ଧାନୀ ।

ଏକାକୀ ନିରବେ ନିଶବ୍ଦେ କେତେ ଯେ' ଭାବନାରେ ଭିଜିଭିଜି
କଲମ ମୁନରେ ଶବ୍ଦର ଶିଳାରେ କୋଣାର୍କ ତୋଳୁଛି ଆଜି ।
ଛନ୍ଦମୟ ସୂକ୍ଷ୍ମ ପ୍ରୀତି ପଦାବଳୀ ଶିଳାପଦ୍ମରେ ଖଚିତ
ଲଳିତ ଲାବଣ୍ୟ ଶବ୍ଦ ବିନ୍ୟାସରେ ପ୍ରେମ ପ୍ରଣୟ ବିମ୍ବିତ ।

ଚିତ୍ରିତ କରୁଛି କାବ୍ୟ କବିତାର କମନୀୟ ରୂପକଳ୍ପ
ତୁମ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ଏଇ ମୋ'ର ଶବ୍ଦ ଶିଳ୍ପ ।।

ସଂପାଦିକା, ବର୍ଣ୍ଣାଳୀ ସାହିତ୍ୟ ସଂସଦ,
ତାଳଚେର ଟାଉନ, ଅନୁଗୁଳ



# ଫେରିଛି ଫଗୁଣ

**ରବିନାରାୟଣ ମଙ୍ଗରାଜ**

ଫଗୁଣ ଫେରିଛି ଫୁଲ ସବାରୀରେ
ବାତେ ମତୁଆଲା ହୋଇ
କିଶଳୟ କୋଳେ କାନ୍ତାର ଗହଳେ
ନିଭୃତେ ପଡ଼ିବ ଶୋଇ ।
ପୁଷ୍ପିତ ଶାଖାରେ ନବ ପଲ୍ଲବରେ
ବାସନା ବସନ ନାଇ
ହାରି ହରାଇବ ପଥରେ ପାନ୍ଥକୁ
ବାସେ ବିଭୋରିତ ହୋଇ ।
ମହକିବ ବଲ୍ଲୀ ବନ୍ଧରେ ବଧୂଳି
ହୋଇଯିବ ବାଟବଣା
ପତିତ ପାଖୁଡ଼ା ଦୂରେ ବାହିନେବ
ଲାଜେଇ ଥିରି ଝରଣା ।
ମଧୁପ ମଗନେ ଚୁମିବ ଜତନେ
ରକ୍ତିମ ବାସ ଅଧରେ
ଭ୍ରମର ଭ୍ରମିବ ପଲ୍ଲବେ ପଲକେ
ଅଳପେ ଦିଶି ବନ୍ଧରେ ।
କାକଳିତ ହେବ କୁସୁମ କାନନ
କଳାପୀ ପଞ୍ଚମ ତାନେ
ଗାଇବ ଗହଳେ ଆମ୍ର କାନନରେ
ପାନ୍ଥ ଭ୍ରମିବ ମଗନେ ।
ମଧୁପାୟୀ ମଦ୍ୱେ ଅଧର ପରଶେ
ତୃଷିତ ପ୍ରାୟେ ଶୋଷିବ
ପ୍ରେମର ପ୍ଳାବନେ କରିବ ପ୍ଳାବିତ
ଦୂରେ ଦୂରେ ଭାଷିଯିବ ।
ବଳେ ବୃନ୍ତଚ୍ୟୁତ କଲେକି ବସନ
ଯିବ ଦୂରେ ଅପସରି
ପ୍ରେମର ପ୍ରତାନେ ବାନ୍ଧିବ ବସନ୍ତ
ଉତୁରାଜେ କିଏ ସରି ।

**ସମ୍ପାଦକ "ସମ୍ପର୍କ"**
**ବୈଦ୍ୟେଶ୍ୱର, ବାଙ୍କୀ, କଟକ**



# ଫୁଲ ଫଗୁଣ

ବେଣୁଧର ସୂତାର

ଯାଦୁ ନଗରୀର କୁହୁକ ପସରା
ଫଗୁଣ ଧରାରେ ଦେଇଛି ମେଲି
ସ୍ୱପ୍ନିଳ ମାୟାର ରୂପ ତରଙ୍ଗରେ
ରାସ କୁହୁକରେ ତୋଳେ ରଙ୍ଗୋଲି
ଚମକଇ ଚନ୍ଦ୍ର ମଲ୍ଲୀ
ମିଠା ଫଗୁରଙ୍ଗେ ଝୁମଇ ପ୍ରକୃତି
ସାଜିଛି ସତେକି ନୂଆ ନହୂଲୀ ।

ତୋରା ମଳୟର ଚାରୁ ଚୁମ୍ବନରେ
ମହୁଲି ମାଦକ ତନୁରେ ଭରେ
ସହକାର କୁଞ୍ଜ ମୁକୁଳ ମାଧୁରୀ
ମହମହ ବାସ୍ନା ମନକୁ ହରେ
ଛନ୍ଦ ମାଧୁର୍ଯ୍ୟର ସୁରେ
ଅରୁଣ ଅଧରୀ  କୁସୁମ ମଞ୍ଜରୀ
ତନୁମନ ହରେ ରୂପ ଶୃଙ୍ଗାରେ ।

ଫୁଲ ଫଗୁଣର ପ୍ରୀତି ମନୋହର
ପ୍ରେମପ୍ରଣୟର ମିଠା ସପନ
ପଦ୍ମ ପଲାଶର ରୂପ ରୋଶଣିରେ
ଏଧରା ସାଜିଛି  ନନ୍ଦନ ବନ
କୋକିଳ ପଞ୍ଚମ ସୁର
ପ୍ରୀତିଫଲ୍ଗୁ ଧାରେ ମଧୁଶାଳା ପୁରେ
ଫୁଲ ଫଗୁଣର  ଏ ଅଭିସାର ।

କୃଷ୍ଣଚୂଡ଼ାର ଲାଲିମ ଅଧରେ
ରତି ମାଦକର ଧାରା ଉଛୁଳେ
ଚାରୁ ଗୋଧୂଳିର ଚୂନାଚୂନା ରେଣୁ
ଅସ୍ତରାଗ ଝରା ରଙ୍ଗ ହିଲ୍ଲୋଳେ
ପ୍ରୀତିର ରୋଶଣି ଜଳେ
ଭରା ଚାନ୍ଦିନୀରେ ମଧୁଯାମିନୀରେ
ରସ ରାସମୟ ମୂର୍ଚ୍ଛନା ତୋଳେ ।

ପ୍ରକୃତିର କୋଳ ସୁଷମା ମଞ୍ଜୁଳ
ଚାରୁମୟ ଦିଶେ ଏ ମହୀପୁର
ଏ ଧରା ଅଙ୍ଗନେ ସୁଧା ସମ୍ମୋହନେ
ଫଗୁଣ ବୋଳିଛି ପ୍ରୀତି ଅବିର
ଶୃଙ୍ଗାରର ଉପଚାରେ
ଭିଜା ଅନୁରାଗେ ମଗ୍ନ ଏ ପ୍ରକୃତି
ଋତୁରଙ୍ଗ ଭରା ପ୍ରୀତି ଅର୍ଘ୍ୟରେ ।

ଭୂମି ଠାରୁ ଭୂମା  ଲାବଣ୍ୟ ସୁଷମା
ସମ୍ମୋହନ ଭରା ସ୍ୱପ ନଗରୀ
ପ୍ରୀତି ସୌଦାଗର ସାଜିଛି ଫଗୁଣ
ରଙ୍ଗେଇ  ଧରାର ରୂପ ମାଧୁରୀ
ସୁଷମା ମୃଦୁ ମଞ୍ଜରୀ
ଫୁଲଫଗୁଣର ରଙ୍ଗୋଲି ମାୟାରେ
ମରତ ସାଜିଛି ଅଳକା ପୁରୀ ।

**କେଶଦୁରାପାଳ, କେନ୍ଦୁଝର**

# ରଙ୍ଗର ପରବ ହୋଲି

**ନୀହାରିକା ପଣ୍ଡା**

ହୋଲି ବଇଭବ ଭାବ ଅନୁରାଗ
ଆବେଗରେ ଆବେଦନ
ପଲ୍ଲୀଠୁ ସହର ରଙ୍ଗ ପିଚକାରୀ
ରଙ୍ଗାୟିତ ସର୍ବଜନ।
ବରଷକେ ଥରେ ହୋଲି ଉପସ୍ଥିତି
ଭାଇଚାରା ଭାବ ଧରି
ଜୀବନ ଜଞ୍ଜାଳ ଜଞ୍ଜିର ଫିଟାଇ
ଉଚ୍ଚାଟିତ ମନ ଭାରି।
ରଙ୍ଗିଲା ଫଗୁଣ ରଙ୍ଗରେ ଭିଜେଇ
ରଙ୍ଗମଞ୍ଚେ ମନ କିଣି
ଅବିରର ଆତ୍ମା ଭେଟେ ପରମାତ୍ମା
ରାଧାକୃଷ୍ଣ ମନଜିଣି।
ମେଳଣ ପଡିଆ ମହୋତ୍ସବ ମଧ୍ୟେ
ଏକତ୍ରିତ ଏକାଧିକ
ଅବିର ପରିକା ଆତ୍ମୀୟତା ଏକା
ହୋଲିର ସନ୍ଦେଶ ଟେକ।
ମନେ ଭରିଯାଉ ଅବିର ମମତା
ପ୍ରଭୁ ପାଦେ ଏଇ ଅଳି
ପ୍ରୀତିଭରା ସିନା ଫଗୁର ପରାଣ
ରାଧାକୃଷ୍ଣ ଦେହେ ମିଳି।
ହୋଲି ପରବରେ ହରିନିଅ ପ୍ରଭୁ
ପ୍ରାଣରୁ ହୋଲିକା ଗୁଣ
ମନେ ମନେ ଜାଗୁ ଭକ୍ତିର ଭାବନା
ପ୍ରଭୁ ପାଶେ ସମର୍ପଣ ।
ଏଇ ଫଗୁରଙ୍ଗ ବାନ୍ଧି ଦେଇପାରେ
ପ୍ରକୃତି ପୁରୁଷ ମନ
ରଙ୍ଗ ପରବରେ  ରାଧା ସଙ୍ଗେ କୃଷ୍ଣ
ସର୍ବଶ୍ରେଷ୍ଠ ଆକର୍ଷଣ ।

**ରାକମା, ଭାପୁର,**
**ନୟାଗଡ଼**



# ରଙ୍ଗିଲା ଫଗୁଣ

**ବିଳାସିନୀ ଦାଶ**

ରଙ୍ଗିଲା ଫଗୁଣ ଫୁଲଙ୍କ ଚିବୁକେ
ସାତ ରଙ୍ଗ ଦେଲା ମାଖି,
ଶିଶିର ସନ୍ତାପେ ସୁପ୍ତ ଫୁଲ କଢି
ଧୀରେ ଖୋଲି ଦେଲେ ଆଖି ।
ଘରଠୁ ବାହାର କାନନ କେଦାର
ଫଗୁଣ ରଙ୍ଗେଇ ଦେଲା,
ଚୂତ ଡାଳେ ବସି ପିକ ସରାଗରେ
କୁହୁ କୁହୁ ଗାନ କଲା ।
ଫଗୁଣ ସାଥିରେ ବସନ୍ତ ଆସିଛି
ମୃଦୁ ମଳୟର ଛୁଆଁ,
ଉଲ୍ଲସିତ କରେ ଜୀବଠାରୁ ଜଡ଼
ଅଙ୍ଗରେ ଅନଙ୍ଗ ନିଆଁ ।
ଚମ୍ପା, ନାଗେଶ୍ୱର, ତରାଟ, ଟଗର
ମଲ୍ଲୀ, ହେନା, ଗନ୍ଧରାଜ,
କନିଅର, କୁନ୍ଦ, କୃଷ୍ଣଚୂଡ଼ା ଫୁଟି
ନାନା ରଙ୍ଗେ ହେଲେ ସଜ ।
ଉତ୍ତର ଅୟନେ ଭାନୁଙ୍କ ପ୍ରକାଶେ
କମଳ ଉଠିଲା ହସି,
ସର ଆଇନାରେ ଚାନ୍ଦକୁ ନିରେଖି
କୁମୁଦ ପୁହାଏ ନିଶି ।
ଦୁଷ୍ଟ ପ୍ରଜାପତି ଫୁଲଙ୍କ ରାଇଜେ
ମଧୁ ପାନେ ହେଲା ମତ୍ତ,
ପାଟଳ ବରଣ ନବ ପଲ୍ଲବରେ
ବୃକ୍ଷ ରାଜି ସୁଶୋଭିତ ।
ଶୋଭାଙ୍ଗୀ ପାହାନ୍ତି ଅଳସୀ ସଂଜରେ
ମନ୍ଦିର ଆଳତି ଧ୍ୱନି,
ଧରଣୀ ସାଜିଛି ରାଜ ରାଜେଶ୍ୱରୀ
ଅପରୂପ ଶୋଭା ଘେନି ।
ଶିବ ପଦେ ସ୍ଥାନ ଲଭିଲା କେତକୀ
ଜାଗର ଜାଳିଲେ ଜନେ,
ଆସେ ଦୋଳ ହୋଲି ରଙ୍ଗ ବୋଳା ବୋଳି
ଭାବ ପ୍ରୀତିର ବନ୍ଧନେ ।
ଯାତରା ମେଳଣେ ମଜ୍ଜିବେ ଓଡ଼ିଆ
ଦିଅଁ ଯିବେ ଚଉଦୋଳେ,
ଫଗୁ ବୋଳାବୋଳି ହେବେ ରାଧାକୃଷ୍ଣ
ଭକତ ମାନଙ୍କ ମେଳେ ।
ଦୋଳବେଦୀ ପରେ ନୂଆ ପାଞ୍ଜି ପଢା
ଜ୍ୟୋତିଷ ଗଣନା କଥା,
ଆଗାମୀ ବରଷ ଶୁଭ ହେଉ ବୋଲି
ଓଡ଼ିଆ ନୁଆଁଏ ମଥା ।
ନାହିଁ ଶୀତ ଦାଉ ଆସିନି ଗ୍ରୀଷମ
ମଧୁଝରା ମଧୁମାସ,
ଜନଜୀବନକୁ ପ୍ରେମରେ ଭିଜେଇ
ଫଗୁଣ ରଚୁଛି ରାସ ।

**ମଧୁସୂଦନ ନଗର**
**ଖୋର୍ଦ୍ଧା**

# ବସନ୍ତ ଆସିଛି

ଚନ୍ଦ୍ରକାନ୍ତି ସିଂହ

ଶୀତ ଚାଲିଗଲା ଆପଣା ନୀଳୟ
କୁହୁଡି କାକର ଧରି
ବସନ୍ତ ଆସିଛି ଏ ଧରା ବୁକୁରେ
ମନ ପ୍ରାଣ ଯାଏ ପୂରି ।

ପେଣ୍ଠା ପେଣ୍ଠା ଆମ୍ବ ବଉଳ ସୁବାସେ
ମହକି ଉଠୁଛି ଧରା
ନାନା ଜାତି ଫୁଲ ବିକଶିତ ହୋଇ
ବିତରେ ରଙ୍ଗ ପସରା ।

ମୃଦୁମନ୍ଦ ବହେ ମଳୟ ମରୁତ
ତନୁ ମନ ପୁଲକିତ
ଚୂତ ଡାଳେ ପିକ ସୁମଧୁର କଣ୍ଠେ
ଗାଏ କୁହୁ କୁହୁ ଗୀତ ।

ନବ କିଶଳୟେ ବୃକ୍ଷରାଜି ଶୋଭା
ଦିଶେ ଅତି ମନୋହର
ଅଶୋକ, କାମିନୀ, ମାଧବୀ, ପଳାସ
କୁସୁମ ଫୁଟେ ପ୍ରଚୁର ।

ନୀଳ ଗଗନରେ ନୀରଦ ଲୁଚଇ
ଚାନ୍ଦ ଦିଶେ ନିରିମଳ
ପ୍ରକୃତି ଦିଶଇ ସୁଷମା ମଣ୍ଡିତ
ସ୍ୱଚ୍ଛ ଲାଗେ ପରିମଳ ।

ଗ୍ରୀଷ୍ମର ଉତାପ ଶୀତର ପ୍ରକୋପ
ହୁଏ ନାହିଁ ଅନୁଭବ
ଫଗୁଣ ଆଣଇ ଅବିର ସାଥିରେ
ଖେଳିବେ ରାଧାମାଧବ ।

ରାଇ ଦାମୋଦର ଭକ୍ତ ସହ ମିଶି
ଯିବେ ଦୋଳ ବିମାନ ରେ
ବୁଲି ବୁଲି ଯାଇ ଭୋଗ ସେ ଖାଇବେ
ପ୍ରତି ଦୁଆରେ ଦୁଆରେ ।

ପରସ୍ପର ମଧ୍ୟେ ଭାଇଚାରା ଭାବ
ଆଣିଥାଏ ଦୋଳ ହୋଲି
ମିଳିମିଶି ସବୁ ଖୁସିରେ ନାଚନ୍ତି
ପ୍ରୀତି ରଙ୍ଗ ଦେହେ ବୋଳି ।

ଋତୁରାଜ ଆସେ ଧରଣୀ ବୁକୁରେ
ବରଷକ ମଧ୍ୟେ ଥରେ
କେତେ ସୁଖ ଶାନ୍ତି ଭରି ଦିଏ ମନେ
ସଭିଙ୍କ ମନ ପ୍ରାଣରେ ।

ବାଙ୍କୀ,
କଟକ

ସୂଚନା : ଆସନ୍ତା ଅପ୍ରେଲ ସଂଖ୍ୟାରେ 'ନିଦାଘ' ବିଷୟବସ୍ତୁ ଉପରେ କବିତା ସଙ୍କଳନ ପ୍ରକାଶ କରାଯିବ। ତେଣୁ ନିର୍ଦ୍ଦିଷ୍ଟ ବିଷୟଭିତ୍ତିକ କବିତା ମୋବାଇଲରେ ଟାଇପ୍ କରି ଅପ୍ରେଲ ୧୦ ତାରିଖ ସୁଦ୍ଧା ପଠାଇବାକୁ ବିନମ୍ର ଅନୁରୋଧ।


OPEN

TASTY DOTS

Home Delivery available

# TASTY DOTS

## MORE FOOD, MORE LIFE



TANDOOR



BIRYANI



CHINESE




INDIAN

VISIT AGAIN

Place your Order
9777030560

M5/23, Near Essura Drug House
Acharya Vihar, Bhubaneswar



ଡ. ପ୍ରମୋଦ ଚନ୍ଦ୍ର ଦାଶ
ମାର୍ଗଦର୍ଶକ



ନିଶିକାନ୍ତ କହଲସିଂହ
ସମ୍ପାଦକ



ସମରଜିତ୍ ପଟ୍ଟନାୟକ
ଉପଦେଷ୍ଟା



ବାବାଜୀ ଜେନା
ଉପଦେଷ୍ଟା



ବିଭୂପ୍ରସାଦ ହରିଚନ୍ଦନ
ଉପଦେଷ୍ଟା



ତ୍ରିଲୋଚନ ଦାସ
ସହଯୋଗୀ ସମ୍ପାଦକ



ଶ୍ରୀମତୀ ରଶ୍ମିତା ନାୟକ
ସହଯୋଗୀ ସମ୍ପାଦକ



ଶ୍ରୀମତୀ ବାସନ୍ତୀ ଦେଈ
ସହଯୋଗୀ ସମ୍ପାଦକ